# ଆଚରଣବିଧି କଡାକଡି ପାଳନ କରାଯିବ: ଜିଲାପାଳ

ମାଲକାନଗିରି, ୧୭।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାପାଳ ପାୱାର ସଚିନ ପ୍ରକାଶ ଏକ ଖବରଦାତା ସମ୍ମିଳନୀରେ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଏବଂ ଶନିବାରରୁ ଲାଗୁ ହୋଇଥିବା ଆଚରଣ ବିଧି କଡାକଡି ପାଳନ କରାଯିବ ବୋଲି କହିଛନ୍ତି। ଜିଲାରେ ୨ଟି ନିର୍ବାଚନ ମଣ୍ଡଳୀ ରହିଛି। ୧୪୬- ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ବୁଥ୍ ସଂଖ୍ୟା ୨୯୮ ଓ ୧୪୭- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ବୁଥ୍ ସଂଖ୍ୟା ୨୪୬। ସେହିପରି ଦୁଇଟି ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ସଂଖ୍ୟା ୪,୯୯,୨୨୯ ଥିବା ବେଳେ ସେଥିମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୨,୩୧,୪୪୫ ଥିବା ବେଳେ ପୁରୁଷ ଭୋଟର ସଂଖ୍ୟା ୨,୧୭,୭୪୦, ତୃତୀୟ ଲିଙ୍ଗ ୪୪ ଅଛନ୍ତି। ସେଥିରୁ ଜିଲାରେ ମୋଟ ୨୯ ସଖୀ ବୁଥ୍ କେନ୍ଦ୍ର କରାଯିବା ସହ ୧୦ଟି ଆଧୁନିକ କେନ୍ଦ୍ର ଓ ୮୫ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧା ବୃଦ୍ଧଙ୍କ ନିମନ୍ତେ ଦୁଇଟି ସ୍ୱତନ୍ତ୍ର କେନ୍ଦ୍ର କରାଯିବ। ସେହିପରି ଅତି ବୟସ୍କ ଲୋକଙ୍କ ପାଇଁ ଘରେ ଭୋଟ ଦେବାର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ସ୍ୱାଭିମାନ ଅଞ୍ଚଳରେ ଅତି ସମ୍ବେଦନଶୀଳ



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ନିର୍ବାଚନ ସମ୍ବନ୍ଧୀୟ ସୂଚନା ଦେଉଛନ୍ତି ।

ବୁଥ୍‌ଗୁଡିକରେ ପୂର୍ବବର୍ଷ ଭଳି ହେଲକପ୍ଟର ବ୍ୟବହାର କରା ନ ଯାଇ କେବଳ ସ୍ୱାଭିମାନ ଅଞ୍ଚଳର ସନ୍ନ୍ୟାସିଗୁଡା ଓ ଯନ୍ତ୍ରୀ ବୁଥ୍ ପାଇଁ ପୋଲିଂ ପାର୍ଟି ଜଳପଥରେ ଯିବେ । ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ୨୯୮ ବୁଥ୍ ଓ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ୨୪୬ ବୁଥ୍ କରାଯିବ । କୌଣସି ଭୋଟରଙ୍କ ଅଭିଯୋଗ ଥିଲେ ସେ ଜିଲା ସଦର ମହକୁମାରେ ଥିବା କଂଟ୍ରୋଲ ରୁମ୍ ନଂ. ୦୬୮୬୧-୧୯୫୦କୁ ଯୋଗାଯୋଗ କରିପାରିବେ । ଜିଲାର ୬୦ ପ୍ରତିଶତ ବୁଥ୍‌ରେ ସିସି କ୍ୟାମେରା ଲଗାଯିବ।

୨୦୧୯ ନିର୍ବାଚନରେ ମାଲକାନଗିରି ଜିଲାରେ ଭୋଟହାର ସଂଖ୍ୟା ୭୧.୮୪

**ନିର୍ବାଚନ ପ୍ରସ୍ତୁତି ନେଇ ଖବରଦାତା ସମ୍ମିଳନୀ**

ପ୍ରତିଶତ ଥିବା ବେଳେ ଚଳିତ ବର୍ଷ ଯେପରି ଶତ ପ୍ରତିଶତ ମତଦାନ ହେବ ସେଥି ଲାଗି ଭୋଟରଙ୍କୁ ବିଭିନ୍ନ ପର୍ଯ୍ୟାୟରେ ସଚେତନ କରାଯାଇଛି। ତେବେ ଚଳିତ ବର୍ଷ ନର୍ବାଚନ ନିମନ୍ତେ ମୋଟ ୩୯୧୮ପୋଲିଂ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଚଳିତ ନିର୍ବାଚନ ନିମନ୍ତେ ୧୮।୪।୨୪ରେ ବିଜ୍ଞପ୍ତି ପ୍ରକାଶ କରାଯିବ। ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ୨୫।୪।୨୪, ଯାଞ୍ଚ ୨୬।୪।୨୪, ପ୍ରତ୍ୟାହାର ଶେଷ ତାରିଖ ୨୯।୪।୨୪ ଧାର୍ଯ୍ୟ କରାଯାଇଛି। ସେହିପରି ୧୩।୫।୨୪ ଦିନ ମତଦାନ ହେବ । ଭୋଟ ଗଣତି ୪।୬।୨୪ ତାରିଖ ଧାର୍ଯ୍ୟ କରାଯାଇଛି। ଖବରଦାତା ସମ୍ମଳନୀରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ସୋମନାଥ ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ଏବଂ ନିର୍ବାଚନ ପରିଚାଳନା ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅପହରଣ, ଟଙ୍କା ଲୁଟ୍ ମାମଲାରେ ଜଣେ ଗିରଫ

ଜୟପୁର ୧୭।୩ (ପବନ ପାଣିଗ୍ରାହୀ)



ଅପହରଣ ଓ ଟଙ୍କା ଲୁଟ ମାମଲାରେ ସଦରପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗଡପଦର ଅଞ୍ଚଳର ପରଦେଶ ହରିଜନ ଏଲିୟସ ପରଦେଶ ଟାକରି (୨୭) । ବିହାରର ଜଣେ ବ୍ୟକ୍ତିଙ୍କୁ ଅପହରଣ କରିବା ସହ ତାଙ୍କଠାରୁ ୨ ଲକ୍ଷ ଟଙ୍କା ଦାବି କରିବା ନେଇ ପଦଦେଶଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ତଦନ୍ତ ଜାରି ରହିଥିଲା। ତଦନ୍ତରୁ ପରଦେଶଙ୍କ ସମ୍ପୃକ୍ତି ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### 'ମହିଳା ଶିକ୍ଷିତ, ସଚେତନ ହେଲେ ଦେଶର ଅଗ୍ରଗତି ହେବ'




କୋରାପୁଟ, ୧୭।୩ (ଅମିତାଭ ବେହେରା)

ନାବାର୍ଡ ପକ୍ଷରୁ କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମକେନ୍ଦ୍ରଠାରେ ସପ୍ତାହବ୍ୟାପୀ ଚାଲିଥିବା ଅନ୍ତର୍ଜାତୀୟ ମହିଳା ଦିବସ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମହିଳାମାନେ ଶିକ୍ଷିତ ଓ ସଚେତନ ହେଲେ ଦେଶର ଅଗ୍ରଗତି ହେବ। ମୁଁ ଜଣେ ମହିଳା ହୋଇ ଗର୍ବିତ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଯୋଜନା ଏବଂ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଇଗ୍ନୁର ଅତିରିକ୍ତ ନିର୍ଦ୍ଦେଶକ ଲତିକା ମିଶ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ମହିଳା ଦିବସର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ନାବାର୍ଡ ଡିଡିଏମ୍ ଦେବେନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

### ଅଗ୍ନିକାଣ୍ଡରେ ୨ ପରିବାର ସର୍ବସ୍ୱାନ୍ତ

ଦିଗପହଣ୍ଡି, ୧୭।୩(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ ବିରିବାଡିଆ ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ଦୁଇ ପରିବାର ସର୍ବସ୍ୱାନ୍ତ ହୋଇଥିବା ଜଣାପଡିଛି। ଦୁଇ ପରିବାର ହେଲେ ସୁଜାତା ମଳିକ ଓ ବିଜୟ ମଳିକ। ପରିବାର ଲୋକେ କାମ ପାଇଁ ବାହାରକୁ ଯାଇଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ଅମୀନ ଧୀରେନ୍ଦ୍ର କୁମାର ପାଢୀ ରିପୋର୍ଟ ସଂଗ୍ରହ କରିଥିବା ବେଳେ ସ୍ଥାନୀୟ ସରପଞ୍ଚ ବି. ଲିଙ୍ଗରାଜ ଦୋରା କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚି ଚୁଡା, ଚାଉଳ ଓ ଅନ୍ୟ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଥିବା ଜଣାପଡିଛି।

# ଘରୋଇ ହଷ୍ଟେଲରେ ନାବାଳିକା ଛାତ୍ରୀଙ୍କ ମୃତ୍ୟୁ

ମାଲକାନଗିରି, ୧୭।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଏଭି ୭ ଗ୍ରାମରେ ଥିବା ଏକ ଘରୋଇ ହଷ୍ଟେଲରେ ଏପିଭି ୧୩୦ ଗ୍ରାମର ଷଷ୍ଠ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି।

ସୂଚନା ଅନୁଯାୟୀ, ନାବଳିକା ଜଣକ ଏହି ଘରୋଇ ହଷ୍ଟେଲରେ ରହି ଆସୁଥିଲେ। ରବିବାର ହଠାତ୍ ଝିଅଟିର ଦେହ ଗୁରୁତର ଥିବା ଓ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ନେଇ ତାଙ୍କ ପରିବାର ଲୋକଙ୍କୁ ହଷ୍ଟେଲ ପରିଚାଳକ ଖବର ଦେଇଥିଲେ। ପରିବାର ଲୋକେ ଚିକିତ୍ସାଳୟରେ ପହଞ୍ଚିବା ପରେ ତାଙ୍କ ଝିଅର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ତେବେ ଝିଅ ଦେହରେ ବିଭିନ୍ନ ଚିହ୍ନ ଥିବା ପରିବାର

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ଲୋକେ ଦେଖିବା ସହ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗକରି ଏହାର ପ୍ରକୃତ ତଦନ୍ତ କରିବାକୁ ଦାବି କରିଥିଲେ। ଏହାସହ ମୃତ ନାବାଳିକା ଜଣକ ପୂର୍ବରୁ ମଧ୍ୟ ହଷ୍ଟେଲରେ ବିଭିନ୍ନ ସମସ୍ୟା ହେଉଥିବା ନେଇ ଅଭିଯୋଗ କରିବା ସହ ଆଉ ହଷ୍ଟେଲକୁ ଜିବି ନାହିଁ ବୋଲି କହିଥିବା ମୃତ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ହଷ୍ଟେଲ କର୍ତ୍ତୃପକ୍ଷ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା କହିଛନ୍ତି। ଖବର ଜଣାପଡିବା ପରେ ମାଲକାନଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଛି ।

# ସୀମାନ୍ତରୁ ମାଓବାଦୀ ଗିରଫ

ମାଲକାନଗିରି, ୧୭।୩ (ଦୁର୍ଯ୍ୟୋଧନ ପାତ୍ର)



ଛତିଶଗଡର ବିଜାପୁର ଜିଲାରେ ଯବାନଙ୍କ ତଲାସି ଅଭିଯାନ ବେଳେ ୮ ଲକ୍ଷ ପୁରସ୍କାର ଘୋଷିତ ଜଣେ କୁଖ୍ୟାତ ମାଓବାଦୀ ସୁଧାକର ରବିବାର ଗିରଫ ହୋଇଛନ୍ତି।

ସୂଚନା ଅନୁଯାୟୀ, ମାଲକାନଗିରି ସୀମାନ୍ତରେ ବିଜାପୁର ପୋଲିସ, ଡିଆର୍‌ଜି, କୋବ୍ରା ୨୧୦ ଯବାନ ମିଳିତ ଭାବେ ବାସାଗୁଡା ଥାନା ଅନ୍ତର୍ଗତ ଗୁଣ୍ଡାମ ପୁରଭି ଜଙ୍ଗଲରେ ତଲାସି ଚଳାଇଥିଲେ। ଏହି ସମୟରେ କେତେକ ବ୍ୟକ୍ତି ଜଙ୍ଗଲରେ ଯବାନଙ୍କୁ ଦେଖି ଲୁଚି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଯବାନଙ୍କ ସନ୍ଦେହ ହେବାରୁ ଜଣଙ୍କୁ କାବୁ କରିଥିଲେ। ପଚରା ଉଚରା ସମୟରେ ସେ ମାଓବାଦୀ ପାର୍ଟିରେ ଡିଭିସିଏମ୍ କ୍ୟାଡର ସୁଧାକର ବୋଲି କହିବା ସହ ଯବାନମାନେ ତାଙ୍କୁ ଗିରଫ କରିଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ଅନେକ ମାମଲା ଥିବା ଏବଂ ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଏହାପରେ ଗିରଫ ମାଓବାଦୀଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ମା' ମାଉଳି ବଡ଼ ଯାତ୍ରା ଆରମ୍ଭ ଦିନରୁ ଭକ୍ତଙ୍କ ଭିଡ଼

ମାଲକାନଗିରି, ୧୭।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୋରୁକୋଣ୍ଡା ସଦର ବ୍ଲକରେ ମା' ମାଉଳିଙ୍କ ବଡ ଯାତ୍ରାର ଶୁଭାରମ୍ଭ ହୋଇଛି। ଚାରିଦିନ ବ୍ୟାପୀ ହେବାକୁ ଥିବା ଏହି ବଡ ଯାତ୍ରାରେ ଶନିବାର ମା'ଙ୍କୁ ପର୍ବତ ଶିଖରରୁ ଆବାହନ କରି ପାଦଦେଶକୁ ଆଣି ଭକ୍ତମାନେ ପୂଜାର୍ଚ୍ଚନା କରିଛନ୍ତି। ଏହି ଯାତ୍ରାର ପ୍ରଥମ ଦିନରେ ମା'ଙ୍କ ବିଗ୍ରହ ପ୍ରତିଷ୍ଠା କରି କୋରୁକୋଣ୍ଡା କେନାଲ ନିକଟରେ ମା'ଙ୍କ ପାଦ ଦେଶରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତଙ୍କ ପାଖରୁ ପୂଜା ପାଇଥିବା ଦେଖିବାକୁ ମିଳିଛି।

ଶନିବାର ସନ୍ଧ୍ୟାରେ ମା'ଙ୍କୁ ପାଟ ପଟୁଆରରେ ମାଣ୍ଡିଆଭଟାକୁ ଅଣାଯାଇଥିଲା। ରବିବାର ଦିନ ତମାମ ମାଣ୍ଡିଆ ଭଟାଠାରେ ମା'ଙ୍କୁ ଦର୍ଶନ କରିବା



ମା' ମାଉଳିଙ୍କୁ ପଟୁଆରରେ ନିଆଯାଉଛି ।

ନିମନ୍ତେ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିଥିବା ବେଳେ ସନ୍ଧ୍ୟାରେ ମା'ଙ୍କୁ ମାଣ୍ଡିଆଭଟାଠାରୁ କୋରୁକୋଣ୍ଡାସ୍ଥିତ ମାଉଳି ମା' ମନ୍ଦିର ପର୍ଯ୍ୟନ୍ତ ଆଡମ୍ବର ସହକାରେ ଅଣାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଯାତ୍ରାରେ ଆଖପାଖ ଅଞ୍ଚଳର ବିଭିନ୍ନ ଦେବଦେବୀଙ୍କ ମନ୍ଦିରର ଲାଠିଗୁଡିକ ଆସିଥିବା ଦେଖିବାକୁ ମିଳିଥିବା ବେଳେ ଯାତ୍ରା ଉପଲକ୍ଷେ କୋରୁକୋଣ୍ଡାରେ ମିନାବଜାର ଓ ବିଭିନ୍ନ ସାମଗ୍ରୀ ଦୋକାନଗୁଡିକ ଖୋଲା ଯାଇଥିବା ବେଳେ ବହୁ ସଂଖ୍ୟକ ଜନ ସମାଗମ ଦେଖିବାକୁ ମିଳିଛି। ସୋମବାର ମାଉଳି ମା'ଙ୍କ ମନ୍ଦିରରେ ମା' ମାଉଳି ପୂଜା ପାଇବା ପରେ ମଙ୍ଗଳବାର ମଧ୍ୟ ପୂଜାର୍ଚ୍ଚନା ପାଇଁ ରାତିରେ ପୁନର୍ବାର ମା'ଙ୍କୁ ପର୍ବତ ଶିଖରରେ ଥିବା ମନ୍ଦିରକୁ ଯିବା କାର୍ଯ୍ୟକ୍ରମ ରହିଛି।

### ୫-ଟି ଅଧ୍ୟକ୍ଷଙ୍କୁ ସାକ୍ଷାତ କଲେ ସୁବାସ

ଜୟପୁର ୧୭।୩ (ପବନ ପାଣିଗ୍ରାହୀ)

ଜୟପୁର ବିଜେଡି ନେତା ସୁବାସ ରାଉତ ରବିବାର ଭୁବନେଶ୍ୱରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରିଛନ୍ତି । କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ସେ ସମର୍ଥକମାନଙ୍କ ସହ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିବା ସୁବାଷ କହିଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସୁବାସ ଜୟପୁରରେ ପ୍ରାର୍ଥୀ ହେବା ନେଇ ଆଶାୟୀ ଥିବା ଚର୍ଚ୍ଚା ହେଉଛି।

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଫେଲୋଶିପ୍ ସଚେତନତା କାର୍ଯ୍ୟକ୍ରମ

କୋରାପୁଟ, ୧୭।୩ (ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପିରାମଲ ଫାଉଣ୍ଡେଶନ ସହଯୋଗରେ ବିଶ୍ୱବିଦ୍ୟାଳୟର ସ୍ନାତକ ଏବଂ ସ୍ନାତକୋତ୍ତର ଅନ୍ତିମ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ଏକ ଫେଲୋଶିପ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମର ସଫଳତା କାମନା କରି ଛାତ୍ରୀଛାତ୍ରମାନେ ଏହି ଫେଲୋଶିପ ମାଧ୍ୟମରେ ନିଜ ଜ୍ଞାନକୁ ଅଧିକ ବିକଶିତ କରିପାରିବେ ବୋଲି କହିଥିଲେ। ପ୍ରଫେସର ଭରତ ପଣ୍ଡା ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ସ୍ୱାଗତ କରିଥିଲେ। ପିରାମଲ୍ ଫାଉଣ୍ଡେଶନ କର୍ମକର୍ତ୍ତାମାନେ ଗାନ୍ଧୀ ଫେଲୋଶିପର ବିଶେଷତା, ଗାନ୍ଧୀ ଫେଲୋଶିପ ନିଯୁକ୍ତି ସହ ଫେଲୋମାନଙ୍କ ବ୍ୟକ୍ତିଗତ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ନୂପୁର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପିରାମଲ୍ ଫାଉଣ୍ଡେଶନ୍ ପ୍ରତିନିଧି, ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନେ ଅଂଶଗ୍ରହଣ କରିଥିବା ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କହିଛନ୍ତି।

# ଜିଲା ପୋଲିସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ମାଲକାନଗିରି, ୧୭।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ପୋଲିସ ପକ୍ଷରୁ ପୋଲିସ କାର୍ଯ୍ୟାଳୟ ସଭାଗୃହରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଆରକ୍ଷୀ ଅଧୀକ୍ଷକ ନିତିଶ ବାଧ୍ୱାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ପୋଲିସ ଅଧୀକ୍ଷକ ତପନ ନାରାୟଣ ରଥ ଉପସ୍ଥିତ ରହି ନିଜେ ରକ୍ତଦାନ କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲେ। ଏଥିସହ ରକ୍ତଦାନର ଉପକାରିତା ଏବଂ ଅନ୍ୟର ଜୀବନ ବଞ୍ଚାଇବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ପୋଲିସ ସଂରକ୍ଷିତ ଆରକ୍ଷୀ ଅଧୀକ୍ଷକ ସତ୍ୟପ୍ରିୟ ବିଶ୍ୱାଳ ଆୟୋଜନ କରିଥିବା ବେଳେ କୁମୁଦ ପ୍ରଧାନ, ଗୃହରକ୍ଷୀ ସଂରକ୍ଷିତ ଆରକ୍ଷୀ ଅଧୀକ୍ଷକ, ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ, ହାବିଲଦାର ଏବଂ କନ୍‌ଷ୍ଟେବଲ ସଂଘ ସଭାପତି ପ୍ରଶାନ୍ତ କୁମାର ବେହେରା ଓ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଉପ ପୋଲିସ ନିରୀକ୍ଷକ, ହାବିଲଦାର, କନଷ୍ଟେବଲ, ସ୍ୱେଚ୍ଛାସେବୀ ଅନ୍ୟାନ୍ୟ ସୁନାଗରିକ, ଡ୍ରାଇଭର ମହାସଂଘ, ବୁଦ୍ଧିଜୀବୀ ଏବଂ ଟିମ୍ ଉଇ କ୍ୟାନ୍ ସହଯୋଗ କରିଥିଲେ। ରକ୍ତଭଣ୍ଡାର ଡାକ୍ତର ସାଗର ବାଲା, ଏନ୍. ସୁବର୍ଣ୍ଣ, ସନ୍ତୋଷ କୁମାର ପତି, ସୁଜଲ ରାୟ, ସରୋଜ କୁମାର ପଣ୍ଡା, ଯୋଗେଶ୍ୱରୀ ମାଢୀ, ସଂଜୟ କୁମାର ସାଗର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ୩୮ ଓ ୩୯ ଥର ରକ୍ତଦାନ କରିଥିବାରୁ ନରେନ୍ଦ୍ର ମାଦ୍ରି ଏବଂ ଅନୁପ ସୁନାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

# ତ୍ରିନାଥ ଭାଜପାରେ ସାମିଲ ହେବା ପରେ ଆଶାୟୀ ଛାନିଆ

ଗୁଣପୁର, ୧୭।୩(ପ୍ରଦୀପ କୁମାର ପାଢୀ)

ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିବାର ଦିନକ ପୂର୍ବରୁ ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି ରାୟଗଡା ଜିଲା ଗୁଣପୁରର ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ । ସାଧାରଣ ନିର୍ବାଚନ ପୂର୍ବରୁ ତ୍ରିନାଥଙ୍କ ଭାଜପାରେ ମିଶିବା ଗୁଣପୁର ରାଜନୀତିକୁ ସରଗରମ କରିଛି। ୨୦୧୯ ନିର୍ବାଚନରେ ତ୍ରିନାଥ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ୨୬,୩୨୧ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଏପରି ସ୍ଥିତିରେ ତ୍ରିନାଥ ଦଳରେ ସାମିଲ ନୂଆ ସମିକରଣ ସମ୍ଭାବନା ସୃଷ୍ଟି କରିଛି। ଭାଜପାରେ ଗୁଣପୁର ବ୍ଲକର ପୂର୍ବତନ ଜିପିଇଓ ନରସିଂହ ମାଣ୍ଡାଙ୍ଗିଙ୍କ ସମେତ ବିଦ୍ୟାଧର ଶବର, ବିଜୟକୃଷ୍ଣ ଶବର, ବନମାଳି ଗମାଙ୍ଗ ପ୍ରମୁଖ ଆଶାୟୀ ପ୍ରାର୍ଥୀ ରହିଥିବାବେଳେ ତ୍ରିନାଥଙ୍କ ଦଳରେ ସାମିଲ ହେବା ପରେ କାହାକୁ ଟିକେଟ ମିଳିବ ତାକୁ ନେଇ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛ।

କଂଗ୍ରେସର ବରିଷ୍ଠ ନେତ୍ରୀ ତଥା ପୂର୍ବତନ କୋରାପୁଟ ଏମ୍‌ପି ହେମା ଗମାଙ୍ଗଙ୍କ ଭାଇ ହେଉଛନ୍ତି ତ୍ରିନାଥ ଗମାଙ୍ଗ। ତ୍ରିନାଥ ମଧ୍ୟ କଂଗ୍ରେସରେ ଥିଲେ। ହେଲେ ତାଙ୍କୁ ଦଳରେ ଅଣଦେଖା କରାଯାଉଥିବା ଅଭିଯୋଗ କରି ବିଜେଡିରେ ସାମିଲ ହୋଇ ହେବା ସହ ୨୦୧୪ ନିର୍ବାଚନରେ ସେ ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନରେ ଦଳ ତାଙ୍କୁ ଟିକେଟ ନ ଦେବାରୁ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢିଥିଲେ। ପୌର ପରିଷଦ ଉପାଧ୍ୟକ୍ଷ ଶିବ ଗୌଡ ତାଙ୍କୁ ସମର୍ଥନ କରିଥିବାବେଳେ ତାଙ୍କର କୁଶଳ ସଂଗଠନରେ ବିଜେଡିକୁ ଉଭୟ କଡା ମୁକାବିଲା କରିଥିଲେ। ପରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ଉଭୟ ଦଳରୁ ବିଦା ହୋଇଥିଲେ। ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ତ୍ରିନାଥ ବିଜେଡିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ହେଲେ ଜିଲା ସଭାପତି ସୁଧୀର ଦାସଙ୍କ କଡା ବିରୋଧ ଯୋଗୁ ଶିବ ପ୍ରସାଦ ଗୌଡ ଏ ଯାଏଁ ଦଳକୁ ଫେରି ପାରିନାହାନ୍ତି। ତ୍ରିନାଥ ଗମାଙ୍ଗ ଭାଜପାକୁ ଯାଇଥିବାବେଳେ ଶିବ ଗୌଡ କୌଣସି ଦଳକୁ ଯାଇନାହାନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ତ୍ରିନାଥ ଏବଂ ତାଙ୍କ ସମର୍ଥକମାନେ ଭାଜପାରେ ସାମିଲ ହେବା ନେଇ ଆଲୋଚନା ହେଉଥିଲା। ହେଲେ ସେତେବେଳେ ମିଶ୍ରଣ ପ୍ରକ୍ରିୟା ନ ହୋଇପାରିବାରୁ ସେ ସ୍ୱାଧୀନ ଭାବେ ଲଢିଥିଲେ। ତ୍ରିନାଥ ଗମାଙ୍ଗ ୨୬,୩୨୧ ଖଣ୍ଡ ଭୋଟ ପାଇଥିବାବେଳେ ଭାଜପାର ଶିଶିର ଗମାଙ୍ଗ ସେତେବେଳେ ୧୬,୪୯୧ ଭୋଟ ପାଇଥିଲେ। ବିଗତ କିଛି ନିର୍ବାଚନକୁ ଅବୋଲକନ କଲେ ଜଣାପଡେ, ଦଳରେ ଆଶାୟୀମାନେ ଥିଲେ ମଧ୍ୟ ଦଳ ବାହାରୁ ଆସୁଥିବା ପ୍ରାର୍ଥୀଙ୍କୁ ଭାଜପା ନେତୃତ୍ୱ ଗୁରୁତ୍ୱ ଦେଇଛନ୍ତି । ୨୦୦୯ରେ ବିଜେଡିରୁ ଆସିଥିବା ଅଶ୍ୱିନି ଗମାଙ୍ଗଙ୍କୁ ଦଳ ପ୍ରାର୍ଥୀ କରିଥିଲା। ସେ ପୁଣି ଥରେ ବିଜେଡିକୁ ଫେରିଛନ୍ତି । ସେହିପରି୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ଛାଡି ଭାଜପାକୁ ଆସିଥିବା ରାମମୂର୍ତ୍ତି ଗମାଙ୍ଗଙ୍କୁ ଦଳ ପ୍ରାର୍ଥୀ କରିଥିଲା। ସେ ବର୍ତ୍ତମାନ ବିଜେଡିରେ ଅଛନ୍ତି। ଦଳରେ ଥିବା ପୂର୍ବତନ ବିଧାୟକ ରାମମୂର୍ତ୍ତିମୁଟ୍ଟିକା ପ୍ରମୁଖ ଆଶାୟୀ ଥିଲେ ମଧ୍ୟ ୨୦୧୯ ନିର୍ବାଚନରେ ଶିଶିର ଗମାଙ୍ଗ ପ୍ରାର୍ଥୀ ହୋଇଥିଲେ।

# ବସନ୍ତ, ହାଡ଼ଫୁଟି, ମିଳିମିଳାରୁ ରକ୍ଷା ପାଇଁ ଝାମିଯାତ୍ରା

ଜୟପୁର ୧୭।୩ (ପବନ ପାଣିଗ୍ରାହୀ)

ଜୟପୁରରେ ରବିବାର ଝାମିଯାତ୍ରା ଆରମ୍ଭ ହୋଇଛି। ଏଥିପାଇଁ ସହର ଉତ୍ସବ ମୁଖର ହୋଇଉଠିଛି । ଝାମି ଯାତ୍ରାରେ ଶିରଲୀ ଦେବୀଙ୍କୁ ପୂଜା କରାଯାଇଥାଏ। ଶିବରାତ୍ରିଠାରୁ ଏହି ଯାତ୍ରାର ପ୍ରସ୍ତୁତି ଆରମ୍ଭ ହୋଇ ଶିବ ମନ୍ଦିରରେ ପୂଜା କରାଯାଇଥାଏ। ପରେ ଝାମି ଦେବୀଙ୍କ ଆଜ୍ଞାମାଳ ଅଣାଯାଇ ଜଣେ ବାଳକଙ୍କୁ ହଳଦୀ ଲଗାଯାଇ ସଜାଯାଇଥାଏ। ପରେ ତାଙ୍କୁ ନେଇ ଶୋଭାଯାତ୍ରାରେ ସହରପରିକ୍ରମା କରାଯାଏ । ବସନ୍ତ ଋତୁ ସରିବା ବସନ୍ତ, ହାଡଫୁଟି, ମିଳିମିଳା, କାଛୁ, କୁଣ୍ଡିଆ ଭଳି ମାରାତ୍ମକ ରୋଗରୁ ମୁକ୍ତି ପାଇବା ଲାଗି ରାଜରାଜୁଡା ଅମଳରୁ ଜୟପୁରରେ ଏହି ଝାମିଯାତ୍ରା ପାଳିତ ହୋଇଆସୁଛି। ଶିବରାତ୍ରି ପରେ ଫାଲଗୁନ ମାସ ଶୁକ୍ଳପକ୍ଷ ନବମୀ ତିଥି ଅନୁଯାୟୀ ରବିବାର ଝାମି ଦେବୀଙ୍କୁ ସ୍ଥାନୀୟ ବାଙ୍କମଠଠାରେ ଅସ୍ଥାୟୀ ମଣ୍ଡପ କରାଯାଇ ପୂଜା କରାଯାଏ।। ଶିବରାତ୍ରିରେ ମହାଦେବଙ୍କ ଦର୍ଶନ କରିବା ପରେ ସ୍ଥାନୀୟ ପୂଜକ ପରିବାର ବାଜା ଓ ଫୁଲ ଚାଙ୍ଗୁଡି ଧରି ସହରର ସାହି ଓ ପ୍ରତି ଘରେ ହଳଦୀ ଓ



ଝାମିଦେବୀଙ୍କ ପୂଜାର୍ଚ୍ଚନା କରାଯାଉଛି।

**ଉତ୍ସବମୁଖର ଜୟପୁର**

ନିମ୍ବପତ୍ର ବାଣ୍ଟିଥାନ୍ତି। ଏହା ଦ୍ୱାରା ଚର୍ମରୋଗ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି। ପ୍ରତିବଦଳରେ ଭକ୍ତମାନେ ପୂଜକଙ୍କୁ ଚାଉଳ, ପନି ପରିବା ଓ କିଛି ଟଙ୍କା ଦେଇଥାନ୍ତି । ମାନସିକ ରଖି ଭକ୍ତମାନେ ଫୁଲ ଝାଡୁ, କୁକୁଡା ଅଣ୍ଡା, ନଡିଆ, କଦଳୀ, ଫୁଲ ଦେବୀଙ୍କୁ ସମର୍ପଣ କରିଥାନ୍ତି। ରାଜରାଜୁଡା ଅମଳରୁ ଏହି ପରମ୍ପରା ଚାଲି ଆସୁଛି। ଏହି ପୂଜା ଦଶଦିନ ଧରି ଚାଲିଥାଏ। ଶୋଭାଯାତ୍ରା ୭ଦିନ ଧରି ସକାଳୁ ୮ଟାରେ ବାହାରି ଅପରାହ୍ନ ୧ଟାରେ ସରିଥାଏ। ଶୋଭାଯାତ୍ରାରେ ଯାହା ସବୁ ମିଳେ ସନ୍ଧ୍ୟାରେ ତାହା ପୂଜାରେ ଲାଗିଥାଏ। ଯାହା ବଳକା ରହିଥାଏ ନବମୀ ଦିନ ପୂଜା ପାଇଁ ରଖାଯାଏ । ଏହି ପୂଜା ବିଶେଷ କରି ତେଲୁଗୁ ସମ୍ପ୍ରଦାୟ ମଧ୍ୟରେ ଲୋକପ୍ରିୟ ଥିବା ଜଣାପଡିଛି। ଜୟପୁର, ବୈପାରିଗୁଡା, ବୋରିଗୁମ୍ମା, କୋଟପାଡ ସହ ନବରଙ୍ଗପୁର, ମାଲକାନଗିରି, କୋରାପୁଟରୁ ଭକ୍ତମାନେ ଯାତ୍ରା ଦେଖିବାକୁ ଅଖିଥାନ୍ତି ।

# ନବୀକରଣ ହେଉନି ବଟକରା

ବାଲିମେଳା, ୧୭।୩(ଶିବଦତ୍ତ ସାହୁ)

- ନିୟନ୍ତ୍ରଣ ବାହାରେ ଆମିଷ ଦର
- ଠକାମିର ଶିକାର ହେଉଛନ୍ତି ଗ୍ରାହକ

ମାଲକାନଗିରି ଜିଲା ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଆମିଷ ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ବେପାରୀମାନେ ମନ ଇଚ୍ଛା ମାଛମାଂସ ଦର ବୃଦ୍ଧିକରି ଖାଉଟିଙ୍କୁ ଶୋଷଣ କରୁଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷେ ବେପାରୀମାନେ ନିଜ ପାଖରେ ରଖିଥିବା ଓଜନ ସାମଗ୍ରୀର ବର୍ଷ ବର୍ଷ ଧରି ନବୀକରଣ କରାଯାଉ ନ ଥିବାରୁ ଗ୍ରାହକଙ୍କୁ ପ୍ରକୃତ ପରିମାଣ ସାମଗ୍ରୀ ଦେବା ବଦଳରେ କମ୍ ପରିମାଣ ଦେଇ ଠକୁଥିବା ଅଭିଯୋଗ ହୋଇଛି। ବାଲିମେଳା ଦୈନିକ ବଜାରରେ ଥିବା ଆମିଷ ଦୋକାନଗୁଡିକରେ ରୋହି, ଭାକୁର, ମିରିକାଳୀ, ଫଳି, କଣ୍ଟିଆ, ପବତା, ମାଗୁର ସହ ବିଭିନ୍ନ ପ୍ରକାର ଚୂନା ମାଛ, ମଧ୍ୟମ ଧରଣର ମାଛ, ବଡ ଓ ଛୋଟ ଚିଙ୍ଗୁଡ଼ି ମାଛର ଦର ପୂର୍ବାପେକ୍ଷା ଦୁଇଗୁଣ ଅଧିକରେ ବିକ୍ରି ହେଉଛି । ଛେଳି ଓ କୁକୁଡ଼ା ମାଂସ ଦର ମଧ୍ୟ ଦେଢ଼ଗୁଣା ବଢ଼ିଯାଇଛି । ପୂର୍ବରୁ ଚିତ୍ରକୋଣ୍ଡା ଡ୍ୟାମରୁ ଆସୁଥିବା ବଡ



ବାଲିମେଳା ମାଛ ମାର୍କେଟ ।

ମାଛକୁ କାଟି କିଲୋ ପିଛା ୨୦୦ ରୁ ୨୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବର୍ତ୍ତମାନ ଏହା କିଲୋ ପିଛା ୩୦୦ ଟଙ୍କାରେ ବିକ୍ରି ହେଉଛି । ଡ୍ୟାମରୁ ଆସୁଥିବା ବାଉଁଶପତ୍ରୀ ମାଛ ବର୍ତ୍ତମାନ କିଲୋପିଛା ୪୦୦ ରୁ ୫୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ବ୍ରଏଲର କୁକୁଡ଼ା ମାଂସ କେଜି ୧୮୦ ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୨୪୦ ଟଙ୍କା ହୋଇଛି । ଖାସି ମାଂସ କିଲୋ ୭୦୦ ଟଙ୍କାକୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ବେପାରୀମାନେ ଓଜନରେ ମଧ୍ୟ ଗ୍ରାହକଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ବହୁ ମାଛ ବ୍ୟବସାୟୀଙ୍କର ଦୀର୍ଘବର୍ଷ ହେବ ଓଜନ ମାପକ ବଟକରା ଆଦୌ ନବୀକରଣ ହୋଇ ନ ଥିବାରୁ ପ୍ରତିଦିନ ବେପାରୀମାନେ କୁଇଣ୍ଟାଲ କୁଇଣ୍ଟାଲ ମାଛ ଏପରି ବିକି ମାଲାମାଲ ହେଉଛନ୍ତି।

ସୂଚନାଯୋଗ୍ୟ, ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକର ତାରଲାକୋଟା, ସୋର୍ଲକୋଣ୍ଡା,କାମ୍ବେଡା ଓ ଆଖପାଖ ଅଞ୍ଚଳର ହାଟ ବଜାରରେ ଏଭଳି କରୁଥିଲେ ମଧ୍ୟ ଓଜନ ମାପ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି। କେବଳ ଆମିଷ ନୁହେଁ, ପନିପରିବାରେ ମଧ୍ୟ ଲୋକଙ୍କୁ ଓଜନରେ ଠକାମିର ଶିକାର ହେବାକୁ ପଡୁଛି। ବାଲିମେଳା ଏନ୍‌ଏସି କର୍ତ୍ତୃପକ୍ଷ, ଓଜନ ମାପ ବିଭାଗ ଅଧିକାରୀ ଓ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଟିପ୍ପର-ଅଟୋ ଧକ୍କା, ଜଣେ ମୃତ

ରାୟଗଡ଼ା,୧୭।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଅମଲାଭଟା ଗାଁ ନିକଟରେ ଏକ ଟିପ୍ପର ଏବଂ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଅଟୋ ଚାଳକ ହେଲେ ଦୁନ୍ଦୁଲି ଗ୍ରାମର ଜମ୍ବୁ ସାରକା(୩୭)। ଘଟଣାରୁ ପ୍ରକାଶ ଯେ, ଜେକେପୁରଠାରୁ କୋଲନରାକୁ ଏକ ଅଟୋ (ଏପି-୩୫-ଡବ୍ଲୁ-୮୩୭୩) ଯାଉଥିବାବେଳେ ଗୁମୁଡାଠାରୁ ବାଲି ବୋଝେଇ ଟିପ୍ପର ନମ୍ବର (ଓଡି-୧୮-ଏମ-୩୫୫୯) ଦ୍ରୁତଗତିରେ ଆସି ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ଭାଙ୍ଗି ଚୂରମାର ହୋଇଯାଇଥିବାବେଳେ ଅଟୋ ଚାଳକ ଜମ୍ବୁ ଭିତରେ ଚାପି ହୋଇଯାଇଥିଲେ। ସ୍ଥାନୀୟ ବାସିନ୍ଦା ପହଞ୍ଚି ଅଟୋ ଭିତରୁ ତାଙ୍କୁ ବାହାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଚାନ୍ଦିଲି ପୋଲିସ ପହଞ୍ଚି ଘଟଣାର ତଦନ୍ତ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ଏ ନେଇ ପୋଲିସ ମାମଲା ରୁଜୁ କରିଛି।

### ନିଶାମୁକ୍ତ ଭାରତ ଅଭିଯାନ ବୈଠକ



ରାୟଗଡ଼ା,୧୭।୩(ଆଶିଷ ରଞ୍ଜନ ପଣ୍ଡା)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଚିନ୍ତନ କକ୍ଷରେ ଶୁକ୍ରବାର ନିଶାମୁକ୍ତ ଭାରତ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁ ଚରଣ ପାତ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଭି.ଏଲ.ଏନ୍ ରାଜୁ, ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଅତିରିକ୍ତ ଅବକାରୀ ଅଧୀକ୍ଷକ ଗୁପ୍ତେଶ୍ୱର ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତୃଣମୂଳସ୍ତରରୁ କିପରି ନିଶା ନିବାରଣ କରାଯାଇପାରିବ ସେ ନେଇ ବୈଠକରେ ଆଲୋଚନା କରଯାଇଥିଲା। ଏଥିନିମନ୍ତେ ସୋସିଆଲ ମିଡିଆ ଓ ଖବରକାଗଜରେ ଜନସାଧାରଣଙ୍କୁ ସଚେତନ କରିବାର ପନ୍ଥା ଅବଲମ୍ବନ କରିବା ନେଇ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଏନ୍‌ସିସି ଓ ସ୍କାଉଟ ଗାଇଡଙ୍କ ସହଯୋଗରେ ନଗର ପରିକ୍ରମା କରିବା ସହ ଗଳିକନ୍ଦି ଛକରେ ନାଚ, ଗୀତ ମାଧ୍ୟମରେ ନିଶା ନିବାରଣର ସଚେତନତା ବାର୍ତ୍ତା ପ୍ରେରଣ କରିବା ପାଇଁ ଆଲୋଚନା କରାଯାଇଥିଲା ।

# ସ୍ୱଚ୍ଛ, ଅବାଧ ନିର୍ବାଚନ ପାଇଁ ଜିଲାପାଳଙ୍କ ଗୁରୁତ୍ୱ

ରାୟଗଡ଼ା,୧୭।୩(ଆଶିଷ ରଞ୍ଜନ ପଣ୍ଡା)



ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସହ ଅନ୍ୟ ଅଧିକାରୀ ଆଲୋଚନା କରୁଛନ୍ତି।

ଆଗାମୀ ସାଧାରଣ ନିର୍ବାଚନ ସୁରୁଖୁରୁରେ ଅନୁଷ୍ଠିତ ହେବାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅବାଧ ଓ ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ ଦିଆଯିବାକୁ ଜିଲାପାଳ ମନୋଜ ସତ୍ୟୱାନ ମହାଜନ ଏବଂ ଏସ୍‌ପି ହରିଶ ବିସି ରବିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ରାୟଗଡ଼ା ଜିଲାର ୩ଟି ନିର୍ବାଚନ ମଣ୍ଡଳୀରେ ୭ ଲକ୍ଷ ୪ ହଜାର ୫୦୩ ଭୋଟର ରହିଛନ୍ତି। ସେଥିମଧ୍ୟରୁ ରାୟଗଡ଼ା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୫୦ ହଜାର ୫୦୩, ବିଷମକଟକ ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୩୨ ହଜାର ୪୪୨ ଏବଂ ଗୁଣପୁର ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୨୧ ହଜାର ୪୯୫ ଜଣ ଭୋଟର ରହିଛନ୍ତି। ଏହି ଭୋଟର ୮୮୩ ବୁଥ୍‌ରେ ମତଦାନ କରିବେ। ଦିବ୍ୟାଙ୍ଗ, ୮୫ ବର୍ଷରୁ ଅଧିକ ବରିଷ୍ଠ ବ୍ୟକ୍ତି ଏବଂ ନିର୍ବାଚନ ଡ୍ୟୁଟିରେ ଥିବା ସରକାରୀ କର୍ମଚାରୀଙ୍କୁ ପୋଷ୍ଟାଲ ବାଲଟ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏତଦ୍‌ବ୍ୟତୀତ ଭୋଟର ଓ ରାଜନୈତିକ ଦଳ ପାଇଁ ମୋବାଇଲ ଆପ୍ ମଧ୍ୟ ରହିଛି। ଜିଲାର ୫୩ଟି ବୁଥ ମାଓବାଦୀ ପ୍ରବଣ ଅଞ୍ଚଳ ରହିଛି। ସେଥିମଧ୍ୟରୁ ସର୍ବାଧିକ ବିଷମକଟକ ନିର୍ବାଚନମଣ୍ଡଳୀରେ ୨୭, ଗୁଣପୁର ନିର୍ବାଚନମଣ୍ଡଳୀରେ ୨୩ ଓ ରାୟଗଡ଼ା ନିର୍ବାଚନ ମଣ୍ଡଳୀରେ ୩ଟି ବୁଥ ରହିଛି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ଯେଉଁ ଅଘଟଣ ଘଟିଥିଲା ତାହାର ପୁନରାବୃତ୍ତି ନ ହେବା ପାଇଁ ଆଣ୍ଟି ନକ୍ସଲ ଅପରେଶନ ଆରମ୍ଭ ହୋଇଛି। ସମସ୍ତ ଅଞ୍ଚଳ ଉପରେ ଯବାନ ନଜର ରଖିବେ। ସେହିଭଳି ୧୮ଟି ଚେକିଂ ପଏଣ୍ଟ ମଧ୍ୟ ପୋଲିସ ତରଫରୁ ସ୍ଥାପନ ହୋଇଛି। ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରାଯିବା ନେଇ ସୂଚନା ମିଳିଛି। ଅନ୍ୟପକ୍ଷରେ ୧୮୦ ଜଣ ଜାମିନ ବିହୀନ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୨୦ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ନୋଟିସ୍ ଜାରି କରାଯାଇଛି। ଗଣମାଧ୍ୟମ ଖବର ପରିବେଷଣ ସମୟରେ ମଧ୍ୟ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ ଜିଲାପାଳ ଓ ଏସ୍‌ପି। ଏଥିସହ ରବିବାର ବିଭିନ୍ନ ରାଜନୈତିକ ଦଳ ସହିତ ମଧ୍ୟ ଜିଲାପାଳ ଓ ଏସ୍‌ପି ବୈଠକ କରିଥିଲେ। ଆଦର୍ଶ ଆଚରଣବିଧି ଉଲଂଘନ ନ କରି ନିର୍ବାଚନରେ ଭାଗ ନେବାକୁ ଅନୁରୋଧ କରାଯାଇଥିଲା। ଖବରଦାତା ସମ୍ମିଳନୀ ଓ ରାଜନୈତିକ ଦଳ ବୈଠକରେ ଦୁଇ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଓ ତ୍ରିନାଥ ମାଝୀ, ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଗୁଣପୁର ଉପଜିଲାପାଳ କିରଣଦୀପ କୌର ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲରୁ ନିଖୋଜ ବାଳିକାଙ୍କ ମୃତଦେହ ଜବତ

ମୁନିଗୁଡ଼ା,୧୭।୩ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ଥାନା ଅନ୍ତର୍ଗତ ବାଇନିବସା ନିକଟସ୍ଥ ଜଙ୍ଗଲ ପାର୍ଶ୍ୱରେ ଥିବା ନର୍ସରୀ ନିକଟରୁ ଗତ କିଛି ଦିନ ଧରି ନିଖୋଜ ଥିବା ବାଳିକାର ମୃତଶରୀରକୁ ପୋଲିସ ଜବତ କରିଛି। ମୃତ ବାଳିକା ହେଲେ ବାଇନିବସା ଗ୍ରାମର ଯୁଧିଷ୍ଠିର କାଡ୍ରାକାଙ୍କ ୧୦ ବର୍ଷର ଝିଅ ପୁନତୀ କାଡ୍ରାକା । ପୁନତୀ ନିଖୋଜ ଥିବା ନେଇ ପରିବାର ଲୋକେ ଗତ ୮ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ନିଖୋଜ ମାମଲା ୫୦/୨୦୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ସକାଳୁ ଗ୍ରାମର କିଛି ପିଲା ଗାଁ ପାଖ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିବା ସମୟରେ ଏକ ମୃତଦେହକୁ ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଓ ଝିଅର ମାବାପା ଘଟଣାସ୍ଥଳକୁ ଯାଇ ଝିଅର ମୃତଶରୀରକୁ ଚିହ୍ନଟ କରି ମୁନିଗୁଡ଼ା ଥାନାକୁ ଖବର ଦେଇଥିଲେ। ବିଷମକଟକ ଏସ୍‌ଡିପିଓ ସନ୍ତୋସିନୀ ଓରାମଙ୍କ ସହ ମୁନିଗୁଡ଼ା ଥାନା ଆଇଆଇସି ସୌଦାମିନୀ ବେହେରା, ଏସଆଇ ମନୋରଞ୍ଜନ ବିଶାଳ, ଜିୟୋଚନ୍ଦ୍ର ସାହୁ, ଏଫ.ଏ ମହମ୍ମଦ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଖବରପାଇ ମୁନିଗୁଡ଼ା ତହସିଲଦାର ତଥା ସ୍ଥାନୀୟ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଏମ୍ ଅନୁରାଧା ଓ ରାୟଗଡ଼ା ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। କେହି ଦୁର୍ବୃତ୍ତ ତାଙ୍କ ଝିଅକୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ମୃତ ପୁନତୀଙ୍କ ପରିବାରଲୋକେ ଅଭିଯୋଗ କରିଛନ୍ତି। ଶବ ବ୍ୟବଚ୍ଛଦର ରିପୋର୍ଟ ଆସିବାପରେ ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆସିଯିବ। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ସୂତ୍ରରୁ ଜଣାପଡିଛି ।

# ଅଧିକାରୀଙ୍କୁ ନିର୍ବାଚନୀ ତାଲିମ



ପୋଲିଂ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ନେଇ ତାଲିମ୍ ଦିଆଯାଉଛି ।

ଚନ୍ଦ୍ରପୁର, ୧୭।୩ (ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ସଦର ମହକୁମାରେ ଥିବା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ରବିବାର ନିର୍ବାଚନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ରାଉଣ୍ଡ ପାଇଁ ୧୫୬ ଜଣ ଅଧିକାରୀଙ୍କୁ ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯିବ ସେ ନେଇ ତାଲିମ ଦିଆଯାଇଛି। ଏଥିରେ ଚନ୍ଦ୍ରପୁର ବିଡ଼ିଓ ଅକ୍ଷୟ କୁମାର ମଲିକ, ତହସିଲଦାର ବିଚିତ୍ରା ନନ୍ଦ ନାୟକ, ଏବିଇଓ ଉମାକାନ୍ତ ମିଶାଲ, ଯୋଗାଣ ନିରୀକ୍ଷକ ମାନସ କୁମାର ଜେନାଙ୍କ ସମେତ ବହୁ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ତାଲିମ ନେଇଥିଲେ।

# ଲାଗିଲା ଆଦର୍ଶ ଆଚରଣବିଧି, ହଟିଲା ସରକାରୀ ହୋର୍ଡିଂ, ପୋଷ୍ଟର

ରାୟଗଡ଼ା,୧୭।୩ (ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶାରେ ମେ ୧୩ରୁ ଜୁନ୍ ୧ତାରିଖ ପର୍ଯ୍ୟନ୍ତ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ନେଇ ଶନିବାର ନିର୍ବାଚନ ଆୟୋଗ ଘୋଷଣା କରିଛନ୍ତି। ଏହି ଘୋଷଣା ସହିତ ଶନିବାରଠାରୁ ଆଦର୍ଶ ଆଚରଣବିଧି ମଧ୍ୟ ଲାଗୁ ହୋଇଛି। ଏ ନେଇ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ବିଭିନ୍ନ ସ୍ଥାନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଲଗାଯାଇଥିବା ବିଭିନ୍ନ ଯୋଜନାର ଫଳକ ମଧ୍ୟ ବାହାର କରିବାକୁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଏହିନିର୍ଦ୍ଦେଶ ସ୍ୱରୂପ ରାୟଗଡ଼ା ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭକରି ଜିଲାର ବିଭିନ୍ନ ସ୍ଥାନରେ ଲାଗିଥିବା ପୋଷ୍ଟର ଓ ହୋର୍ଡିଂଗୁଡ଼ିକୁ ବାହାର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପ୍ରକାରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଲାଗିଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ହୋର୍ଡିଂ ବାହାର କରାଯାଇଥିବା ଦେଖିବାକୁ ମିଳିଥିଲା। ସେହିଭଳି ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଲାଗିଥିବା ସରକାରୀ ପୋଷ୍ଟର ଓ ହୋର୍ଡିଂଗୁଡ଼ିକୁ ବାହାର କରାଯାଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟରେ ଲାଗିଥିବା ହୋର୍ଡିଂ ବାହାର କରାଯାଉଛି।

# କାଞ୍ଜିପୁଟିରେ ମା' ଏଲମାଙ୍କ ଝାମି ଯାତ୍ରା

ଗୁଣପୁର,୧୭।୩(ପ୍ରଦୀପ କୁମାର ପାଢୀ)

ଗୁଣପୁରରେ ମା' ଏଲମାଙ୍କ ଦିନିକିଆ ଝାମିଯାତ୍ରା ରବିବାର ଉତ୍ସାହର ସହ ପାଳିତ ହୋଇଯାଇଛି। ଦେବୀ ମା' ଏଲମାଙ୍କ ଏହି ପୂଜା ଝାମିଯାତ୍ରା ଭାବେ ପ୍ରସିଦ୍ଧ। ଗୁଣପୁର ସହର ୱାର୍ଡ ନଂ-୪ ବଂଶଧାରା ନଦୀ କୂଳରେ ଥିବା କତାଲୁଗୁଡା କାଞ୍ଜିପୁଟିସ୍ଥିତ ସନ୍ଧି ଦେବତା ପୀଠରେ ପୂଜା ପାଇଥିଲେ ମା ଏଲମା । ଏକ ବୃକ୍ଷମୂଳେ ଅସ୍ଥାୟୀଭାବେ ମାଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ପୁନଶ୍ଚ ମା' ତାଙ୍କ ସ୍ଥାନକୁ ଫେରିଥିଲେ। ରାଜରାଜୁଡା ଅମଳରୁ ଦେବୀ ଏଲମାଙ୍କ ପୂଜା ଏଠାରେ ପାଳିତ ହୋଇଆସୁଛି। ଏହି ପୂଜା ଦ୍ୱାରା ଚର୍ମଜନିତ ରୋଗର ନିଦାନ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କ ଆଶା ଏବଂ ବିଶ୍ୱାସ ରହିଛି। ଶନିବାର ରାତ୍ରରେ ଦେବୀଙ୍କୁ ଆସ୍ଥାନରୁ ତଳକୁ ଓହ୍ଲାଯାଇଥିଲା। ସେହି ରାତ୍ରରେ ମା'ଙ୍କ ସମସ୍ତ ପୂଜାରିତି ନୀତି ପୂଜକ ତାଙ୍କ ଘରେ ସମାପନ କରିଥିଲେ। ଏହାପରେ ରବିବାର ମା ଏଲମାଙ୍କୁ କାଞ୍ଜିପୁଟି ଆସ୍ଥାନକୁ ଆଣାଯାଇଥିଲା। ସେଠାରେ ଦିନ ତମାମ ପୂଜା ରିତିନୀତି ହୋଇଥିଲା। ରାତିରେ ଯାତ୍ରା ସରିବା ପରେ ମା'ଙ୍କୁ ପୁଣି ସ୍ୱସ୍ଥାନକୁ ଫେରାଇ ନିଆଯାଇଥିଲା। ଯାତ୍ରାରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।



କାଞ୍ଜିପୁଟି ପୀଠରେ ପୂଜା ପାଉଥିବା ମା ଏଲମାଙ୍କ ପ୍ରତିମୂର୍ତ୍ତି ।

# ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ମୁନିଗୁଡ଼ା,୧୭।୩ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଭାବେ ପରିଚିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସମ୍ମିଳନୀ କକ୍ଷରେ ଶିକ୍ଷା କେନ୍ଦ୍ରର ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ମାତୃ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତା ଓ ଆଚାର୍ଯ୍ୟା ମମତା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ସ୍ତମ୍ଭକାର ମନୋରଞ୍ଜନ ଦଳାଇ, ଖବରଦତା ହାଡିପା ଗୌଡ଼, ଧନୁ କୁସୁଲିଆ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଭବିଷ୍ୟତରେ ଶିକ୍ଷା କେନ୍ଦ୍ରର ନାମକୁ ଶୀର୍ଷରେ ରଖିବା ଓ ଭବିଷ୍ୟତରେ ସମାଜରେ ଭଲ ମଣିଷ ହୋଇ ନିଜ ମାତାପିତାଙ୍କ ନାମ ଓ ବିଦ୍ୟାଳୟର ଯଶ ରଖିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା କେନ୍ଦ୍ରର ଆଚାର୍ଯ୍ୟ ହରେନ୍ଦ୍ର କୁମାର ଜେନା, ଅମରେନ୍ଦ୍ର ସ୍ୱାଇଁ, ଆଚାର୍ଯ୍ୟା ସଞ୍ଜୁକ୍ତା ବାଳା ରଥ, ସୁନୀତା ସାସମଲ ପିଲାମାନଙ୍କୁ ଭବିଷ୍ୟତ ଜୀବନ ଓ ସଂସ୍କାର ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା କେନ୍ଦ୍ର ତରଫରୁ ଉପହାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ରାଜେଶ୍ୱରୀ ବେହେରା, ସଞ୍ଜୁକ୍ତା ମହାରଣା, ସୁନୀତା ସାସମଲ, ସନ୍ତୋଷୀ ଗୌଡ଼, ସୁମିତା ରାଉତ, ବସୁମତୀ ବେହେରା, ଲିଲି ଆଚାରୀ, ରାନୁରାଣୀ ପ୍ରଧାନ, ଯଶୋମତି ପଣ୍ଡା, ଗୋଲାପୀ ପୂଜାରୀ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଶିକ୍ଷା କେନ୍ଦ୍ରର ବରିଷ୍ଠ ଆଚାର୍ଯ୍ୟ ହରେନ୍ଦ୍ର ଜେନା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବଭାରତୀୟ ସାହିତ୍ୟ ଭାଷା ସମ୍ମିଳନୀରେ ପ୍ରତିନିଧିତ୍ୱ କଲେ ଗାଗାରିନ




କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ଗହଣରେ ଗାଗାରିନ କବିତା ପାଠ କରୁଛନ୍ତି।

ଗୁଣପୁର,୧୭।୩(ପ୍ରଦୀପ କୁମାର ପାଢୀ)

ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ରମଣ୍ଡପ ଠାରେ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ସାହିତ୍ୟ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାୟଗଡା ଜିଲା ଗୁଣପୁର ଅଞ୍ଚଳର ଗାଗାରିନ ଶବର ପ୍ରତିନିଧିତ୍ୱ କରିଥିଲେ। ୧୫ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ଆଦିବାସୀ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ପାଇଁ ମଧ୍ୟ ସେ ସୁଯୋଗ ପାଇଥିଲେ। ଏହିଭଳି ଏକ ରାଷ୍ଟ୍ରୀୟସ୍ତରର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସେ ବେଶ ଉତ୍ସାହିତ ଥିବା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଦେଶର ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ଭାଷାଭାଷୀଙ୍କୁ ନେଇ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ସୌରା ଭାଷା ସାହିତ୍ୟ କାର୍ଯ୍ୟକ୍ରମରେ ଗାଗାରିନ ଯୋଗଦେଇ କବିତା ପାଠ କରିଥିଲେ।

# ରୋଟାରି କ୍ଲବ ଅଫ୍ ମୁନିଗୁଡ଼ା ରୟାଲର ବୈଠକ

ମୁନିଗୁଡା,୧୭।୩ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ବେଥେଲ ନଗର କ୍ୟାମ୍ପସ ପରିସରରେ ରୋଟାରି କ୍ଲବ ଅଫ ମୁନିଗୁଡା ରୟାଲର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରୋଟାରି କ୍ଲବ ମୁନିଗୁଡାର ସଭାପତି ସୁଦାମ ପଣ୍ଡା ଓ ପୂର୍ବତନ ସଭାପତି ତଥା ପ୍ରତିଷ୍ଠାତା ସଦସ୍ୟ ପ୍ରବୀଣ ସିପକାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଡିଷ୍ଟ୍ରିକ୍ଟ ଗଭର୍ନର ଜୟଶ୍ରୀ ମହାନ୍ତି ମୁଖ୍ୟ ଅତିଥି, ରୋଟାରିଆନ ତନ୍ମୟ ମହାନ୍ତି, ଜୋନାଲ ଚେୟାରପର୍ସନ ଅରବିନ୍ଦ ସାହୁ, ଭୁବନେଶ୍ୱର ରୋଟାରି କ୍ଲବ ସଦସ୍ୟ ସରୋଜ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ରୋଟାରି କ୍ଲବ ବିଭିନ୍ନ ସାମାଜିକ କ୍ଷେତ୍ରରେ କ'ଣ ପଦକ୍ଷେପ ନେବ ସେ ନେଇ ଅତିଥିମାନେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁନିଗୁଡ଼ା ରୋଟାରି କ୍ଲବ ପୂର୍ବତନ ସଭାପତି ସୁଷମା ସିପ୍‌କା, ରମେଶ ରାଜୁ, ରାଜେଶ ଜୈନ, ଅମିତ ସାହୁ, ନରେଶ ପାତ୍ର, ଡାକ୍ତର ଗେଣ୍ଡେଡ଼ି ଅଲେଖ୍ୟା, ଆକ୍ସିସ ବ୍ୟାଙ୍କ ଶାଖା ପରିଚାଳକ ରଶ୍ମିରେଖା ସାହୁ, ସୀତାରାମ ସାହୁ, ପ୍ରଦୀପ ପରିଚ୍ଛା, ଭାଗୀରଥି ନାଗ, ରାଜୀବ ଲୋଚନ ଦାସ, ସୀମାଞ୍ଚଳ ପଣ୍ଡା, ଗଣେଶ୍ୱର ରାଓ, କେ.ସତ୍ୟନାରାୟଣ ରାଓ, ସୀତାରାମ ସାହୁ, ରାମଚନ୍ଦ୍ର ବେହେରା, ଗୌରୀଶଙ୍କର ପାତ୍ର, ଭି. ସତ୍ୟନାରାୟଣ, ସନ୍ତୋଷ ଚୌଧୁରୀ, ଜାମି. ପବନ କୁମାର, ଭି.ପ୍ରବୀନ କୁମାର, କେ. ଶ୍ରୀନିବାସ, ବି. ଆନନ୍ଦ ରାଓଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ରୋଟାରୀ କ୍ଲବରେ ଯୋଗ ଦେଇଥିବା ନୂତନ ସଦସ୍ୟଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ପ୍ରବୀଣ ସିପକା ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ରୋଟାରି କ୍ଲବ ସଦସ୍ୟ ।

# ଅନ୍‌ଲାଇନ ଶପିଂ ପ୍ରତି ବଢୁଛି ଗ୍ରାହକଙ୍କ ଆଗ୍ରହ

## ଘରଭଡ଼ା ଦେଇ କ୍ଷତି ସହୁଛନ୍ତି ଦୋକାନ ମାଲିକ

ରାୟଗଡା, ୧୭।୩(ଭାଗ୍ୟଶ୍ରୀ ମିଶ୍ର )

ସମୟ ବଦଳିବା ସହ ବଦଳିଛି ଲୋକଙ୍କ ଜୀବନଶୈଳୀ। ପୂର୍ବରୁ ଯୁବପିଢ଼ିଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିମାନେ ବଜାରକୁ ଯାଇ ବିଭିନ୍ନ ଦ୍ରବ୍ୟ କିଣିବାକୁ ପସନ୍ଦ କରୁଥିଲେ, ଏବେ ବ୍ୟସ୍ତବହୁଳ ଜୀବନରେ ଲୋକେ ବଜାରକୁ ଯାଇ ସାମଗ୍ରୀ କିଣିବା ଅପେକ୍ଷା ଘରେ ବସି ଅନଲାଇନ୍ ଶପିଂ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ମୋବାଇଲରେ ଆସୁଥିବା ବିଭିନ୍ନ ଅଫର ଏବଂ ଡ଼ିସକାଉଣ୍ଟ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ସାରା ଦେଶରେ ଅନ୍‌ଲାଇନ ଶପିଂର ଚାହିଦା ବଢିଥିବା ବେଳେ ଆଦିବାସୀ ଅଧ୍ୟୁଷିତ ରାୟଗଡା ଜିଲାରେ ମଧ୍ୟ ଅନ୍‌ଲାଇନ ବ୍ୟବସାୟ ବଢିଛି। ଘରୋଇ କମ୍ପାନୀଗୁଡିକ ସହର ସହିତ ଗ୍ରାମାଞ୍ଚଳରେ ମଧ୍ୟ ହୋମ ଡେଲିଭରି ସୁବିଧା ଯୋଗାଇ ଦେଉଥିବାରୁ ଲୋକେ ଅନଲାଇନ ଶପିଂକୁ ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ବଜାର ପାଇଁ ଲୋକଙ୍କୁ ପ୍ରାୟ ୩୦ରୁ ୫୦ କିମି ଆସିବାକୁ ପଡିଥାଏ । ତେଣୁ ଅନ୍‌ଲାଇନରେ ଅର୍ଡର କଲେ ଘରେ ଆସି ପହଞ୍ଚିଯାଉଛି। ଘର ସାମଗ୍ରୀ ଫ୍ରିଜ, ୱାସିଂ ମେଶିନ, ଟିଭି, ମୋବାଇଲ ଫୋନ, ଏସି, ପିଲାଙ୍କ ଡ୍ରେସ ହେଉ କି ଖାଦ୍ୟ ପୂର୍ବରୁ ଗ୍ରାହକ ବଜାରରୁ କିଣୁଥିଲେ । କିନ୍ତୁ ଏବେ ସେହି ସମାନ ଦ୍ରବ୍ୟ କମ୍ପାନୀ ବ୍ରାଣ୍ଡ ସହ ଅର୍ଡର କଲେ ସିଧାସଳଖ ଘରେ ଆସି ପହଞ୍ଚିଯାଉଛି । ଅନ୍ୟପଟେ ଅନଲାଇନ୍ ଶପିଂର ଚାହିଦା ବୃଦ୍ଧି ଯୋଗୁ ବଜାରରେ ବର୍ଷ ବର୍ଷ ଧରି ଘର ଭଡ଼ା ଦେଇ ଦୋକାନ କରିଥିବା ବ୍ୟବସାୟୀ କ୍ଷତିର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଘର ଭଡା, କରେଣ୍ଟ ବିଲ୍ ଏବଂ କିଛି ପିଲାଙ୍କୁ କାମ ଦେଇଥିଲେ ମଧ୍ୟ ବେପାର ମାନ୍ଦା ଥିବା କହିଛନ୍ତି ବ୍ୟବସାୟୀ ।

ଅନ୍‌ଲାଇନ ଶପିଂରେ ଅଧିକାଂଶ ସମୟରେ ଗ୍ରାହକମାନେ ଠକାମୀର ଶିକାର ମଧ୍ୟ ହୋଇଥାନ୍ତି। ତେଣୁ ଅନଲାଇନ ଶପିଂରେ ଗ୍ରାହକ ସଚେତନ ହୋଇ ନିର୍ଦ୍ଦିଷ୍ଟ ସାଇଟକୁ ଯାଇ କ୍ରୟ କଲେ ଠକାମୀର ଶିକାର ହେବେ ନାହିଁ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।



ଜଣେ ଗ୍ରାହକ ଡେଲିଭେରି ବୟଠାରୁ ସାମଗ୍ରୀ ନେଉଛନ୍ତି।

### ସେମାନେ ଯାହା କୁହନ୍ତି...

"ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାୟଗଡା ସହରରେ ବ୍ୟବସାୟ କରି ଆସୁଛି। ପୂର୍ବରୁ ବ୍ୟବସାୟ ବହୁତ ଭଲ ରହିଥିଲା, ହେଲେ ଅନ୍‌ଲାଇନ ବ୍ୟବସାୟ ଆରମ୍ଭ ହେବା ପରଠାରୁ ଗ୍ରାହକଙ୍କୁ ଏକ ବିକଳ୍ପ ମିଳିଯାଇଛି । ଯାହା ଦ୍ୱାରା ଲୋକେ ବଜାରକୁ ଆସିବା ଧୀରେ ଧୀରେ କମିଯାଉଛି । ମୁଖ୍ୟତଃ ଯୁବପିଢ଼ି ଅନ୍‌ଲାଇନ ବ୍ୟବସାୟକୁ ଅଧିକ ପ୍ରାଧାନ୍ୟତା ଦେଉଛନ୍ତି । କରୋନା ସମୟରେ ଦୂରତା ବଜାୟର କଟକଣା ରହିବା ପରେ ଗ୍ରାହକ ଅନ୍‌ଲାଇନ ମୁହାଁ ଅଧିକ ହୋଇଛନ୍ତି । ଏହାଦ୍ୱାରା ଆମର ବ୍ୟବସାୟ ୬୦ ପ୍ରତିଶତ କମିଛି । ଆଗକୁ ଗ୍ରାହକ ଯଦି ନ ଆସିବେ ଆମେ ବି ଅନ୍‌ଲାଇନ ସୁବିଧା ଯୋଗାଇବାକୁ ବାଧ୍ୟ ହେବୁ ବୋଲି କହିଛନ୍ତି।

**-ଦୁର୍ଗା ପ୍ରସାଦ ଜିନ୍ଦଲ , ଟିପ୍‌ଟପ୍ ଡ୍ରେସ ଦୋକାନୀ, ରାୟଗଡ଼ା**

"ବହିଠାରୁ ଆରମ୍ଭ କରି ଡ୍ରେସ୍ ଏବେ ଅନ୍‌ଲାଇନରେ ବିଭିନ୍ନ ଅଫର ସହ ମିଳୁଛି। ଦୋକାନକୁ ଯାଇ ଭିଡ଼ରେ କିଣିବା ଅପେକ୍ଷା ଅନଲାଇନ୍ ଅର୍ଡର କଲେ ଘରେ ଆସି ପହଞ୍ଚୁଛି। ପସନ୍ଦ ନ ହେଲେ ରିଟର୍ନର ସୁବିଧା ରହିଛି।

**-ପିଙ୍କି ହୁଇକା, ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ**

"ସେହିପରି ଅନ୍‌ଲାଇନରେ ଅନେକ ଗ୍ରାହକ କିଣିବା ପରେ ରିଭ୍ୟୁ ମଧ୍ୟ ଦେଇଥାନ୍ତି, ଯାହାଦ୍ୱାରା ଦ୍ରବ୍ୟ ବିଷୟରେ ସହଜରେ ଜାଣି ହେଉଛି।

**-ଭି ରାମା ରାଓ, ଇଲୋକ୍ଟ୍ରୋନିକ୍ସ ଦୋକାନ ମାଲିକ,ରାୟଗଡା**

"ଘରର କାମ ସହ ଛୋଟ ପିଲା ଥିବାରୁ ଶପିଂ ପାଇଁ ସମୟ ମିଳୁନି। ତେଣୁ ପିଲାର ସମସ୍ତ ଦ୍ରବ୍ୟ ପାଇଁ ଅନ୍‌ଲାଇନ ସପିଂ କରୁଛି ।

**-ନେହା ମିଶ୍ର, ଗୃହିଣୀ,ରାୟଗଡା**

## ଆଇନଜୀବୀଙ୍କ ୫ଲକ୍ଷ ଟଙ୍କା ଲୁଟ୍ ଘଟଣା
# ୪ ମହିଳାଙ୍କ ସମେତ ୬ ଗିରଫ

ବ୍ରହ୍ମପୁର, ୧୭।୩(ସୁବାସ ଚନ୍ଦ୍ର ପାଢ଼ୀ)

ଗୋଦାବରୀଶ ନଗରରେ ରହୁଥିବା ଆଇବାଜୀବୀ ରମେଶ ଚନ୍ଦ୍ର ପଣ୍ଡାଙ୍କ ସ୍କୁଟିରୁ ୫ଲକ୍ଷ ୨୦ ହଜାର ଟଙ୍କା ଲୁଟ ହୋଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୪ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଞ୍ଜନଗରର ଚାଣ୍ଡି ଦାସ, ତାଙ୍କ ସ୍ତ୍ରୀ ଆଶା ଦାସ, ଅଶାନ୍ତି ଦାସ, ଦୀପା ଦାସ ଓରଫ ଦାସୁ ଦୀପା, ଯାଜପୁର କୋରେଇ ଥାନା ଅଞ୍ଚଳର ରାଜା ପ୍ରଧାନ ଓ କୋଟିନେଡ଼ା ଥାନା ନାରାୟଣପୁର ଗ୍ରାମର ଆର. ଗଙ୍ଗା। ପୋଲିସ ସେମାନଙ୍କ ନିକଟରୁ ୧ଲକ୍ଷ ୨୨ହଜାର ୬୨୦ ଟଙ୍କା, ଘଟଣାବେଳେ ବ୍ୟବହୃତ ବାଇକ, ୩ ମୋବାଇଲ ଫୋନ୍ ଓ ୧୨ଟି ସିମ ଜବତ କରିଛି। ୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ରମ୍ଭା ଅଞ୍ଚଳର ମୂଳ ନିବାସୀ ରମେଶ କିଛିବର୍ଷ ହେଲା ଗୋଦାବରୀଶ ନଗରରେ ରହୁଥିଲେ। ସେ ଗତ ୧୦ ତାରିଖରେ ୟୁନିଅନ ବ୍ୟାଙ୍କ ଯାଇ କୌଣସି କାମ ପାଇଁ ୫ଲକ୍ଷ ୨୦ ହଜାର ଟଙ୍କା ଉଠାଣ କରିଥିଲେ। ଟଙ୍କା ଭର୍ତ୍ତି ବ୍ୟାଗଟି ନିଜ ସ୍କୁଟିରେ ରଖି ସେ କୋର୍ଟକୁ ଯାଉଥିଲେ। ରାସ୍ତାରେ ଇଲେକ୍ଟ୍ରି ଅଫିସ ନିକଟରେ ସ୍କୁଟି ପାର୍କ କରିଥିଲେ। ପରେ ସେ ଦେଖିବା ବେଳକୁ ଟଙ୍କା ଭର୍ତ୍ତି ବ୍ୟାଗଟି ଗାଡ଼ିରେ ନ ଥିଲା। ଖୋଜାଖୋଜି ପରେ ନ ମିଳିବାରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫୩/୨୪ ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସ୍କୁଟି ପାର୍କ ହୋଇଥିବା ଅଞ୍ଚଳର ସିସିଟିଭି ଫୁଟେଜରୁ ଅଭିଯୁକ୍ତମାନଙ୍କୁ କାବୁ କରିପାରିଥିଲା।

# ଖବରଦାତାଙ୍କୁ ସଚେତନ କଲେ ଜିଲାପାଳ, ଏସ୍‌ପି

କୋରାପୁଟ, ୧୭।୩(ଅମିତାଭ ବେହେରା)


ବୈଠକରେ ଜିଲାପାଳ ଓ ଏସ୍‌ପି ନିର୍ବାଚନ ଆଚରଣବିଧି ନେଇ ଖବଦାତାମାନଙ୍କୁ ସୂଚନା ଦେଉଛନ୍ତି ।

■ ନିର୍ବାଚନ ଆଚରଣବିଧି ଉପରେ ସଚେତନତା
■ କୋଟିଆ ପଞ୍ଚାୟତରେ ମତଦାନ ନେଇ ୯ ବୁଥ୍

କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ଆସନ୍ତା ମେ ୧୩ରେ କୋରାପୁଟ ଜିଲାରେ ହେବାକୁ ଥିବା ନିର୍ବାଚନ ଓ ନିର୍ବାଚନର ଆଚରଣବିଧି ସମ୍ପର୍କରେ ଜିଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଜିଲାପାଳ ଭି. କୀର୍ତ୍ତି ଭାସନ ଓ ଏସ୍‌ପି ଅଭିନବ ସୋନକର ସଚେତନ କରିଛନ୍ତି। ଏହି ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ଶେଷ କରାଯିବ ସେନେଇ ଉଭୟେ ଗୁରୁତ୍ୱାରୋପ କରିଥିଲେ। ଭାରତୀୟ ନିର୍ବାଚନ କମିଶନର ନିର୍ଦ୍ଦେଶ ଅନୁସାରେ ଗାଇଡଲାଇନ ଅନୁଯାୟୀ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଜିଲାପାଳ କହିଥିଲେ। କୋରାପୁଟ ଜିଲାରେ ଚତୁର୍ଥ ପର୍ଯ୍ୟାୟରେ ୨ଟି ଲୋକସଭା ଆସନ ଓ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମେ ୧୩ରେ ନିର୍ବାଚନ ହେବ। ଜୟପୁର ବିଧାନସଭା ଆସନ ପାଇଁ ସକାଳ ୭ଟାରୁ ସନ୍ଧ୍ୟା ୬ଟାଯାଏ ଭୋଟରମାନେ ମତଦାନ କରିବାକୁ ସ୍ଥିର ହୋଇଥିବାବେଳେ କୋରାପୁଟ, ଲକ୍ଷ୍ମୀପୁର, ପଟ୍ଟାଙ୍ଗି ଓ କୋଟପାଡ ନିର୍ବାଚନ ମଣ୍ଡଳୀରେ ମତଦାନ ସକାଳ ୭ଟାରୁ ଅପରାହ୍ଣ ୪ଟାଯାଏ ମତଦାନ ଗ୍ରହଣ କରାଯିବ । ସେହିପରି ଜୟପୁର ବିଧାନସଭା ଆସନରେ ପୋଲିଂ ପାର୍ଟି ଦିନକ ପୂର୍ବରୁ ବୁଥକୁ ଯିବେ। ଅନ୍ୟ ୪ଟି ଆସନ ପାଇଁ ୨ ଦିନ ପୂର୍ବରୁ ପୋଲିଂ ପାର୍ଟି ବୁଥକୁ ଯିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସେହିପରି ଜିଲାରେ ଥିବା ମୋଟ ୧୧୫୮ଟି ବୁଥରେ ଭୋଟରମାନେ କିପରି ସ୍ୱଚ୍ଛ, ମୁକ୍ତ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ନିଜ ପସନ୍ଦର ପ୍ରାର୍ଥୀ ଚୟନ କରିବେ ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ସବୁ ବ୍ୟବସ୍ଥା କରାଯାଇଛି। ପ୍ରଥମଥର ପାଇଁ ୮୫ ବର୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ପାଇଁ ଜିଲା ପ୍ରଶାସନ ସ୍ୱତନ୍ତ୍ର ଭୋଟ ଗ୍ରହଣ ବ୍ୟବସ୍ଥା କରିଛି।

ଏପ୍ରିଲ ମାସ ୧୮ରେ ନିର୍ବାଚନ ପାଇଁ ଗେଜେଟ ବିଜ୍ଞପ୍ତି ପ୍ରକାଶ ଲାଗି ଦିନ ଧାର୍ଯ୍ୟ ହୋଇଥିବାବେଳେ ନାମାଙ୍କନ ଦାଖଲର ଶେଷ ଦିବସ ଏପ୍ରିଲ ୨୫ ରହିଛି। ଏପ୍ରିଲ ୨୬ରେ ନାମାଙ୍କନ ପତ୍ର ଯାଞ୍ଚ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖ ଏପ୍ରିଲ ୨୯ ରଖାଯାଇଛି । ଭୋଟଦାନ ତାରିଖ ମେ ୧୩ ଓ ଜୁନ ୪ରେ ଭୋଟ ଗଣତି ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଛି । ମତଦାତାମାନେ ଭୋଟର କାର୍ଡ, ଆଧାର ସମେତ ମୋଟ ୧୨ଟି ପରିଚୟପତ୍ର ଦେଖାଇ ମତଦାନ କରିପାରିବେ। ଚଳିତ ସାଧାରଣ ନିର୍ବାଚନରେ କୋରାପୁଟ ଜିଲାରେ ମୋଟ ଭୋଟର ସଂଖ୍ୟା ୯ଲକ୍ଷ ୬୯ ହଜାର ୯୧ ଜଣ ରହିଛି। ସେଥିମଧ୍ୟରେ ମହିଳା ଭୋଟର ୫ ଲକ୍ଷ ୪୦୫ ଜଣ ଅଛନ୍ତି। ଏହି ନିର୍ବାଚନରେ ନୂତନ ଭୋଟର ୨୨ ହଜାର ୫ଶହ ଜଣ ରହିଛନ୍ତି। ବରିଷ୍ଠ ନାଗରିକ (୮୫ ବର୍ଷରୁ ଉର୍ଦ୍ଧ୍ୱ)ଙ୍କ ସଂଖ୍ୟା ୧୧ ହଜାର ୩୫୫ ଜଣ , ଜିଲାରେ ମହିଳାଙ୍କ ପାଇଁ ସଖୀ ମତଦାନ କେନ୍ଦ୍ର ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ମତଦାନ କେନ୍ଦ୍ର ଖୋଲାଯିବାକୁ କମିଶନ ପକ୍ଷରୁ ନିଷ୍ପତ୍ତି ହୋଇଛି। କୋରାପୁଟ ଜିଲାର ବୁଥଗୁଡିକରେ ୬୦ ପ୍ରତିଶତ ଭିଡିଓ ଗ୍ରାଫି କରାଯିବ । ନିର୍ବାଚନ ଆଚରଣ ବିଧି ଖିଲାପ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବ୍ୟବସ୍ଥା କରାଯାଇଛି। ଏହି ଆଦର୍ଶ ଆଚରଣ ବିଧି ପାଳନ ଓ ତଦାରଖ ପାଇଁ ଜିଲାରେ ଏକ କଣ୍ଟ୍ରୋଲ ରୁମ ଖୋଲାଯିବାକୁ ସ୍ଥିର ହୋଇଛି। କାହାର କିଛି ଆପତ୍ତି ଅଭିଯୋଗ ଥିଲେ ସେ ଟୋଲ ଫ୍ରି ନମ୍ବର ୧୯୫୦ରେ ଯୋଗା ଯୋଗ କରି ପାରିବେ ବୋଲି ଜିଲାପାଳ କହିଛନ୍ତି। ସେହିପରି ଜିଲାର ସୀମାନ୍ତ କୋଟିଆ ପଞ୍ଚାୟତରେ ମତଦାନ ନେଇ ୯ଟି ବୁଥ କରାଯାଇଛି। ଏହି ଅଞ୍ଚଳର ଭୋଟର କିପରି ସ୍ୱଇଚ୍ଛାରେ ମତଦାନ କରିବେ ସେ ନେଇ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏହି ଅବସରରେ ଜିଲାପାଳ ଓ ଏସପିଙ୍କ ସମେତ ଉଭୟ କୋରାପୁଟ ଓ ଜୟପୁରର ଉପଜିଲାପାଳ, ପିଡି ଡିଆରଡିଏ, ଅତିରିକ୍ତ ଜିଲାପାଳ, ଗଣ ମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଦୋଷୀ କର୍ମଚାରୀଙ୍କ ସପକ୍ଷରେ ତଦନ୍ତ

ବୈପାରିଗୁଡା, ୧୭।୩ (କଳ୍ପତରୁ ମହାନ୍ତି)

**ବାସିନିଗୁଡା ଜଳ ବିଭାଜିକା ସହାୟତା ରାଶି ବାଟମାରଣା ପ୍ରସଙ୍ଗ**

କୋରାପୁଟ ଜିଲା ବୈପାରିଗୁଡା ମୃତ୍ତିକା ସଂରକ୍ଷଣ ତଥା ଜଳଛାୟା ପ୍ରକଳ୍ପ ବିଭାଗ ପକ୍ଷରୁ ବ୍ଲକର ବାସିନିଗୁଡା ଜଳବିଭାଜିକା ପ୍ରକଳ୍ପରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଓ ଅର୍ଥ ବାଟମାରଣା ହେଉଥିବା ଖବର ଗତ ୧୨।୨।୨୪ରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏନେଇ ଗୁମାଭାଲୁଗୁଡା ଗ୍ରାମର ୱାର୍ଡମେମ୍ବର ଜୟ ବୀରଖମ୍ବ ଓ ଏକ ଫାର୍ମର ଗ୍ରୁପ୍ ସଭାପତି ଦନ ମାଝିଙ୍କ ନେତୃତ୍ୱରେ ସମେଲଶ୍ୱରୀ ମହିଳା ଗୋଷ୍ଠୀ, ମା' ତାରାତାରିଣୀ ମହିଳା ଗୋଷ୍ଠୀ, ଗୋବିନ୍ଦ ଫାର୍ମର ଗ୍ରୁପ୍ ଓ ଜୟ ବୀରଖମ୍ବ ଫାର୍ମର ଗ୍ରୁପ ସଭାପତି ଓ ସମ୍ପାଦକ ୨୩।୨।୨୪ରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରତି ଗ୍ରୁପ୍ ୪୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ବ୍ୟାଙ୍କରୁ ଉଠାଇବା ପରେ ମୃତ୍ତିକା ସଂରକ୍ଷଣ ବିଭାଗର ଜଣେ କର୍ମଚାରୀ ପ୍ରତି ଫାର୍ମର ଗ୍ରୁପ୍‌କୁ ୨୨ ହଜର ଟଙ୍କା ଓ ମହିଳା ଗୋଷ୍ଠୀଙ୍କୁ ମାତ୍ର ୨ ହଜାର ଟଙ୍କା ଦେଇ ବଳକା ଟଙ୍କା ନେଇଯାଉଛନ୍ତି। ସମଲେଶ୍ୱରୀ ଗ୍ରୁପ୍ ପାଇଥିବା ସହାୟତା ରାଶି ମଧ୍ୟ ସେ ନେଇଛନ୍ତି। ସେହିପରି ମାଛ ଚାଷ ପାଇଁ ଖୋଳାଯାଇଥିବା ପୋଖରୀ କାମରେ ମଧ୍ୟ ଦୁର୍ନୀତି ହୋଇଥିବା ସେମାନେ ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳ ଭି.କୀର୍ତ୍ତି ଭାସନ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଦୋଷୀଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉଛି। ଏହାଦ୍ୱାରା ତଦନ୍ତକୁ ଭିନ୍ନ ମୋଡ ଦେବାକୁ ଭରପୂର ପ୍ରୟାସ କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ତଦନ୍ତ ଆଳରେ ଶୁକ୍ରବାର ଟଙ୍କା କାଟି ନେଉଥିବା ସମ୍ପୃକ୍ତ କର୍ମଚାରୀ ଏବଂ ତାଙ୍କର କେତେ ଜଣ ସହଯୋଗୀ ଗୁମାଭାଲୁଗୁଡା ଗ୍ରାମରେ ପହଞ୍ଚି ଏଥିପାଇଁ କ୍ଷମା ମାଗିବା ସହ ବଳକା ଟଙ୍କା ଜଳ ବିଭାଜିକା ପାଣ୍ଠିରେ ଜମା ହୋଇଛି। ଏହାର ରସିଦ୍ ଫେରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ସମଲେଶ୍ୱରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଆର୍ଥିକ ସହାୟତା ବାଟମାରଣା କରିଥିବାରୁ କର୍ମଚାରୀ ଜଣକ ନିଜ ସପକ୍ଷରେ ଏକ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରାଇଥିଲେ। ଏହାକୁ ଜଣେ କର୍ମଚାରୀଙ୍କ ହାତରେ ସେ ଲେଖାଇଥିଲେ। ଏଥିରେ ଉଲ୍ଲେଖ ଅଛି ଯେ, ସମେଲଶ୍ୱରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସବୁ ଟଙ୍କା ପାଇଛନ୍ତି ଏବଂ ଏହି ଟଙ୍କା ସେମାନେ ବିନିଯୋଗ କରିଛନ୍ତି। ସମ୍ପୃକ୍ତ କର୍ମଚାରୀ ଜଣକ ଟଙ୍କା ନେଇନାହାନ୍ତି। ତେବେ ସେ ଯଦି ଟଙ୍କା ନେଇନାହାନ୍ତି ତା' ହେଲେ ଫେରାଇବାର ପ୍ରତିଶ୍ରୁତି କାହିଁକି ଦେଉଥିଲେ ଏବଂ ରିପୋର୍ଟ ତଳେ ଅଭିଯୋଗକାରୀମାନଙ୍କ ସ୍ୱାକ୍ଷର କାହିଁକି ନେଲେ ବୋଲି ଏବେ ପ୍ରଶ୍ନ ଉଠୁଛି। ସୂଚନାଯୋଗ୍ୟ, ଏପର୍ଯ୍ୟନ୍ତ ସମେଲେଶ୍ୱରୀ ଗୋଷ୍ଠୀ ବଳକା ୩୮ ହଜାର ଟଙ୍କା ଫେରି ପାଇ ନ ଥିବା ସଭାପତି ସୁନାମଣି ମିନରବାଲିଆ ଓ ସମ୍ପାଦକ ଗାଙ୍ଗେଇ ପୂଜାରୀ କହିଛନ୍ତି।

# ବାଉଁଶବାଡ଼ ଭରସାରେ ବିଦ୍ୟାଳୟ, ଛାତ୍ରାବାସ


ବାଉଶ ବାଡ ଦ୍ୱାରା ବିଦ୍ୟାଳୟର କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ।

ନନ୍ଦପୁର, ୧୭।୩(ଶଙ୍କର ପୂଜାରୀ)

୪୦ ଆଦିବାସୀ ଛାତ୍ରଙ୍କ ଭବିଷ୍ୟତ ଗଢ଼ିବାକୁ ଥିବା କିରାମ୍ବ ବିଦ୍ୟାଳୟ ଛାତ୍ରାବାସ ଅନ୍ତେବାସୀଙ୍କ ସୁରକ୍ଷା ବାଉଁଶ ବାଡ଼ ପାଲଟିଛି। ବିଦ୍ୟାଳୟ ସମ୍ମୁଖରେ ଥିବା ଭଙ୍ଗା ଦଦରା ଲୁହା ଫାଟକ ଏକ କାଠଖଣ୍ଡ ସାହାରାରେ ଛିଡ଼ା ହୋଇଛି। କେତେବେଳେ ଛାତ୍ରାବାସର କୁନି କୁନି ଅନ୍ତେବାସୀଙ୍କ ଉପରେ ଏହା ପଡ଼ି କିଛି ଅଘଟଣ ଘଟାଇବ ସେନେଇ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରାବାସ ପରିଚାଳକ, ଅଭିଭାବକ ଓ ପରିଚାଳନା କମିଟି ସଭାପତି ରଘୁନାଥ ଖିଲ ଆଶଙ୍କା ପ୍ରକାଶ କରିଛନ୍ତି। ତୁରନ୍ତ ବ୍ଲକ ଓ ଜିଲା ପ୍ରଶାସନ, ମଙ୍ଗଳ ବିଭାଗ ଅଧିକାରୀ ଓ ଜିଲା ଆଦିବାସୀ ଉନ୍ନୟନ ବିଭାଗ ଅଧିକାରୀ ଛାତ୍ରାବାସ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ଖବରରୁ ଜଣାପଡିଛି, ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତର କିରାମ୍ବ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ହେଉଛି। ବିଦ୍ୟାଳୟ ପାର୍ଶ୍ୱରେ ଥିବା ୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ମଙ୍ଗଳ ବିଭାଗ ଦାରା ପରିଚାଳିତ ହେଉଛି। ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହ, ଶୌଚାଳୟ, ସୁରକ୍ଷା ପାଚେରି, ପାନୀୟ ଜଳର ଅଭାବ ଲଗିରହିଛି। ୨୦୦୯/୧୦ରେ ନିର୍ମିତ ଛାତ୍ରାବାସ ଓ ସୁରକ୍ଷା ପାଚେରି ମରାମତି ଅଭାବରୁ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଭଙ୍ଗା ପାଚେରି, ଶୌଚାଳୟ ଓ ସମ୍ମୁଖ ଫାଟକକୁ ବାଉଁଶ ବାଡ ସାହାରାରେ ଲଖାଇ ରଖିଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ ଦିସାରି ଓ ଛାତ୍ରାବାସ ପରିଚାଳକ ଶିକ୍ଷକ ରବି ବିଶୋୟୀ ବ୍ଲକ ଶିକ୍ଷାଧିକାରୀ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରିଥିବା କହିଛନ୍ତି। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା ଅଭିଯୋଗ ପାଇ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ତଦନ୍ତ ରିପୋର୍ଟ ଜିଲା ମଙ୍ଗଳ ଅଧିକାରୀଙ୍କ ଜରିଆରେ ଜିଲା ସମ୍ପୃକ୍ତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀଙ୍କୁ ପ୍ରଦାନ କରିଥିବା କହିଛନ୍ତି।

# ନିର୍ବାଚନ ତାରିଖ ଆଶାୟୀଙ୍କ ମଧ୍ୟରେ ବଢ଼ାଇଲା ଉତ୍କଣ୍ଠା

ସୁନାବେଡା/ସେମିଳିଗୁଡା, ୧୭।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ସମଗ୍ର ଓଡ଼ିଶାରେ ମେ ୧୩, ୨୦, ୨୫ ଓ ଜୁନ ୧ରେ ୪ଟି ପର୍ଯ୍ୟାୟରେ ୧୪୭ଟି ବିଧାନସଭା ଓ ୨୧ ଲୋକ ସଭା ଆସନ ପାଇଁ ନିର୍ବାଚନ କରିବାକୁ ଶନିବାର ଘୋଷଣା ହୋଇଛି। ମେ ୧୩ରେ କୋରାପୁଟ ଜିଲାରେ ଭୋଟ ଗ୍ରହଣ କରାଯିବାକୁ ଧାର୍ଯ୍ୟ ହୋଇଛି। ଏଥିପାଇଁ ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀର ସବୁ ଦଳୀୟ କାର୍ଯ୍ୟାଳୟରେ ଚର୍ଚ୍ଚା ସରଗରମ ହେବାରେ ଲାଗିଛି। ଅନ୍ୟପକ୍ଷରେ ଭାଜପା ବିଜେଡି ମେଣ୍ଟ ହେବା ନେଇ ଆଲୋଚନା ଜାରି ରହିଥିବାରୁ ଏପର୍ଯ୍ୟନ୍ତ ଦଳଗୁଡିକ ନିଜ ପ୍ରାର୍ଥୀ ତାଲିକା ଘୋଷଣା କରିନାହାନ୍ତି। ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ଲଢେଇ ସମ୍ଭାବନା ଥିବାରୁ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସରେ ଆଶାୟୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଭାଜପାରୁ ଚୈତନ୍ୟ ନନ୍ଦିବାଲି, ଚୈତନ୍ୟ ହନ୍ତାଳ, ରାମଚନ୍ଦ୍ର ପାଙ୍ଗି, କୃଷ୍ଣଚନ୍ଦ୍ର ଜାନି, ଜୟରାମ ଭୋଇ, ଭଗବାନ ମୁଦୁଲି, ଅନିଲ ଦେଉଳପାଡ଼ିଆ, ଜୟରାମ ପୂଜାରୀ ଟିକେଟ ଆଶାୟୀ ଅଛନ୍ତି। ୨୦୧୯ ନିର୍ବାଚନରେ ଭାଜପା ରାମଚନ୍ଦ୍ରଙ୍କୁ ଟିକେଟ ଦେଇଥିଲା। ସେ ୨୫,୯୫୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ଏଥର ଭାଜପା ତାଙ୍କୁ ପ୍ରାର୍ଥୀ କରିବ ବୋଲି ରାମଚନ୍ଦ୍ର ଓ ତାଙ୍କ ସମର୍ଥକମାନେ ଆଶାବାଦୀ ଅଛନ୍ତି। ସେହିପରି ଟିକେଟ୍ ପାଇଁ ଅନ୍ୟମାନେ ମଧ୍ୟ ଅନୁରୂପ ଆଶା ରଖିଛନ୍ତି। ଗତଥର ପ୍ରଥମ କରି ବିଜେଡିରୁ ପ୍ରାର୍ଥୀ ହୋଇ ପିତମ ପାଢୀ କଂଗ୍ରେସର ରାମଚନ୍ଦ୍ର କାଡ଼ାମଙ୍କୁ ହରାଇ ବିଜୟୀ ହୋଇଥିଲେ। ସେ ମଧ୍ୟ ଏଥର ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ଅଛନ୍ତି। ତାଙ୍କପରି ପ୍ରଫୁଲ୍ଲ ପାଙ୍ଗି, ଲଇଚନ ଖରା, ରଘୁନାଥ ଶିସା, ଭଗବାନ ପେଟିଆ, କାର୍ତ୍ତିକ ଖେମୁଣ୍ଡୁ, ଲକ୍ଷ୍ମୀ ହନ୍ତାଳ, ପ୍ରଭାତ ଗୁରୁମାଇ, ରାମ ଅଣ୍ଡାବିରିଆ, ସୁନାମ ହନ୍ତାଳ, ଅଶୋକ ପାଙ୍ଗି ଟିକେଟ ପାଇବାକୁ ଆଶା ବାନ୍ଧିଛନ୍ତି। ଅନ୍ୟପଟେ କଂଗ୍ରେସରେ ମଧ୍ୟ ଆଶାୟୀଙ୍କ ତାଲିକା କିଛି କମ୍ ନୁହେଁ। ୨୦୧୯ ନିର୍ବାଚନରେ ୪୬,୯୮୯ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିବା ରାମଚନ୍ଦ୍ର କାଡାମ ଏଥର ନିଶ୍ଚିତ ଜିତିବା ଆଶା ରଖିଛନ୍ତି। ସେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ଯାତ୍ରାକୁ ଢାଲ କରି ନିର୍ବାଚନ ବୈତରଣୀ ପାର ହେବାକୁ ଲକ୍ଷ୍ୟ ରଖିଥିବା ଜଣାପଡିଛି। ଜୟରାମ ପାଙ୍ଗି ମଧ୍ୟ ନିଜ ପ୍ରାର୍ଥୀତ୍ୱ ନେଇ ଅଙ୍କ କଷୁଛନ୍ତି। ପୂର୍ବରୁ ଜନତା ଦଳ ପରେ ବିଜେଡିରୁ ୩ ଥର ବିଧାୟକ ଓ ଥରେ ଏମ୍‌ପି ହୋଇଥିବା ଜୟରାମ ୨୦୧୯ରେ ଭାଜପାରୁ କୋରାପୁଟ ଏମ୍‌ପି ରୂପେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେବେ ଗତ ଡିସେମ୍ବର ୨୦୨୩ରେ ପୁଣି ହାତ ଧରିଥିବା ଜୟରାମ କଂଗ୍ରେସ ଟିକେଟ୍ ପାଇଁ ଦାବିଦାର ଥିବା ଚର୍ଚ୍ଚା ହେଉଛି। ତାଙ୍କ ବ୍ୟତୀତ ଶୁକ୍ର ଖରା ଓ ଶାମ୍ଭା ପାଙ୍ଗି, ପୂର୍ଣ୍ଣଚନ୍ଦ୍ର ପାଙ୍ଗି, ରଜନୀରାଣି ସାଉଁତା, ପୀତାମ୍ବର କିର୍ଷାନୀ ମଧ୍ୟ ଟିକେଟ ଦାବି କରୁଥିବା ସେମାନଙ୍କ ସମର୍ଥକମାନେ ଆଲୋଚନା କରୁଛନ୍ତି। ଏହି ତିନି ଦଳର କିଛି ଅସନ୍ତୁଷ୍ଟ କର୍ମୀ ମଧ୍ୟ ଟିକେଟ ଆଶାରେ ରହିଛନ୍ତି। ସେମାନେ ତାଲିକା ଘୋଷଣା ପରେ ନିଜ ରୂପ ପରିବର୍ତ୍ତନ କରିବେ। ଅସନ୍ତୁଷ୍ଟ ଆଶାୟୀଙ୍କୁ ଟିକେଟ ନ ମିଳିଲେ ସେମାନେ ସ୍ୱାଧୀନ ଭାବରେ ନିର୍ବାଚନକୁ ଓହ୍ଲାଇବେ। ଦଳୀୟ ପ୍ରାର୍ଥୀଙ୍କ ପାଇଁ ସେମାନେ ନିର୍ଣ୍ଣାୟକ ଭୂମିକା ନେବେ ବୋଲି କୁହାଯାଉଛି।

# କଳାବ୍ୟାଜ ପିନ୍ଧିଲେ ଖବରଦାତା

ବେଲଗୁଣ୍ଠା, ୧୭।୩(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ରାଜ୍ୟରେ ଶନିବାରଠାରୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ଏହା ପୂର୍ବରୁ ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଯୋଜନାମାନ ଘୋଷଣା କରିଥିଲେ ମଧ୍ୟ ଖବତାଦାତାମାନଙ୍କୁ ସମ୍ପୂର୍ଣ୍ଣ ଅବହେଳା କଲେ। ଏହା ପ୍ରତିବାଦରେ ରବିବାର ଉତ୍କଳ ସାମ୍ବାଦିକ ସଂଘ ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ତଥା ବେଲଗୁଣ୍ଠା ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ଆହ୍ୱାନକ୍ରମେ ବେଲଗୁଣ୍ଠାର ଖବରଦାତାମାନେ କଳା ବ୍ୟାଜ୍ ପିନ୍ଧି ନିଜ କର୍ମ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ସରକାର ସମସ୍ତ ବର୍ଗକୁ ସନ୍ତୁଷ୍ଟ କରିଥିବା ବେଳେ ସାମ୍ବାଦିକତା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଅବହେଳା କରିବା ଘଟଣାକୁ ବୁଦ୍ଧିଜୀବୀ ମହଲ ନାପସନ୍ଦ କରିଛନ୍ତି।

# ଏକତା ଅନୁଷ୍ଠାନର ସଦସ୍ୟାଙ୍କ ଦ୍ୱାରା ମାନସିକ ବିକାରଗ୍ରସ୍ତ ମହିଳା ଉଦ୍ଧାର


ଏକତା ଅନୁଷ୍ଠାନର ସଦସ୍ୟମାନେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କରୁଛନ୍ତି ।

କୋରାପୁଟ, ୧୭।୩(ଅମିତାଭ ବେହେରା)

କୋରାପୁଟର ଏକତା ଅନୁଷ୍ଠାନ ସଦସ୍ୟାମାନଙ୍କ ଦ୍ୱାରା ସେମିଳିଗୁଡା ଅଞ୍ଚଳରୁ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ରବିବାର ଉଦ୍ଧାର କରାଯାଇଛି। ସେମିଳିଗୁଡା ବ୍ଲକର ଖଜୁରିଗୁଡା ଗ୍ରାମରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା କିଛି ଦିନ ଧରି ଏକ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ବିଭାଗ ଏକତା ଅନୁଷ୍ଠାନକୁ ସୂଚନା ଦେବା ପରେ ଏକତାର ଉଦ୍ଧାରକାରୀ ଟିମ୍ ସେମିଳିଗୁଡା ପୋଲିସ ସହାୟତାରେ ଖଜୁରିଗୁଡା ଗ୍ରାମକୁ ଯାଇ ବିଦ୍ୟାଳୟ ପିଣ୍ଡାରେ ଆଶ୍ରୟ ନେଇଥିବା ମାନସିକ ବିକାରଗ୍ରସ୍ତ ମହିଳା ସୌଦାମିନି ପାଙ୍ଗୀ(୨୯)ଙ୍କୁ ଉଦ୍ଧାର କରି ଆଣିଥିଲେ। ପରେ ତାଙ୍କୁ ସଦସ୍ୟାମାନେ କୋରାପୁଟ ମେଡିକାଲରେ ଚିକିତ୍ସା କରିଥିଲେ । ତାଙ୍କୁ ଦୁରୁଗୁଡାରେ ଏକତା ଅନୁଷ୍ଠାନ ଦ୍ୱାରା ପରିଚାଳିତ ପୁନର୍ବାସ କେନ୍ଦ୍ରରେ ରଖାଯାଇଛି। ଉଦ୍ଧାର କାର୍ଯ୍ୟରେ ଅଲିଭା ସାମଲ, ମିନି ମହାଙ୍କୁଡ, ମନିକା ଦାସ, ସେମିଳିଗୁଡା ଥାନା ଅଧିକାରୀ ଛବିରାଣୀ ବିଶ୍ୱାଳ ଓ ସେମିଳିଗୁଡା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାମିଲ ହୋଇଥିଲେ।

# ୨୦ରେ ଆନ୍ଦୋଳନ ନିଷ୍ପତ୍ତି

ଜୟପୁର, ୧୭।୩(ପବନ ପାଣିଗ୍ରାହୀ)

**ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ**

ଯାଦବ ଭବନଠାରେ ରବିବାର କାଗଜ କଳ ଶ୍ରମିକ ଓ ସଂଘ, ପରିବହନ ଓ କେସିସି ବ୍ୟାଙ୍କ କର୍ମଚାରୀ , ପେନସନର୍ସ ଆସୋସିଏସନ ଓ ସିଟି କୋର୍ଡିନେସନ କମିଟିକୁ ନେଇ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉମାକାନ୍ତ ରଥ ସଭାପତିତ୍ୱ କରିଥିଲେ। କୋର୍ଡିନେସନ କମିଟି ସଙ୍ଗଠନ ସମ୍ପାଦକ ଯୁଧିଷ୍ଠିର ରାଉଳ କହିଥିଲେ ଯେ, ରାଜ୍ୟ ସରକାର ଶ୍ରମିକମାନଙ୍କ ନ୍ୟାୟୋଚିତ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛନ୍ତି। ସରକାରୀ କଳର ମଧ୍ୟ ନିଜ ଦାୟିତ୍ୱ ନିର୍ବାହ ରେ ଆନ୍ତରିକତା ରହୁନାହିଁ। ଏଥିଯୋଗୁ ଦୀର୍ଘ ବର୍ଷ ବର୍ଷ ଧରି ସେବା କାଗଜ କଳ ଶ୍ରମିକମାନଙ୍କ ସମସ୍ୟା ସମାଧାନ ହୋଇପାରୁ ନାହିଁ। କେସିସି ବ୍ୟାଙ୍କ, ପରିବହନ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ଓ ଅନ୍ୟ ପ୍ରାପ୍ୟ ବର୍ଷ ବର୍ଷ ଧରି ଅଟକି ରହୁଛି। କାରଖାନା ୪ବର୍ଷ ହେଲା ପୂର୍ଣ୍ଣ କ୍ଷମତାରେ ଚାଲୁନାହିଁ। ଶ୍ରମିକମାନଙ୍କୁ ୪ମାସର ଦରମା ମିଳିନି। ଅବସରପ୍ରାପ୍ତ ଶ୍ରମିକ, ମୃତ ଶ୍ରମିକଙ୍କ ପରିବାର ଗ୍ରାଚ୍ୟୁଇଟି, ବକେୟା ପାଉଣା, ଇପିଏଫ କିଛି ଏଯାଏ ପାଇନାହାନ୍ତି। କେସିସି ବ୍ୟାଙ୍କ କର୍ମଚାରୀ ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ପାଉଣା ପାଇବାକୁ ହାଇକୋର୍ଟର ଦ୍ୱାରସ୍ଥ ହେଲେଣି। ପରିବହନ କର୍ମଚାରୀମାନେ ମଧ୍ୟ ଦୁର୍ଦ୍ଦଶାରେ ଅଛନ୍ତି ବୋଲି ରାଉଳ କହିଥିଲେ। ଶ୍ରମ ବିଭାଗ ତ୍ୱରିତ ହସ୍ତକ୍ଷେପ କରି ପଦକ୍ଷେପ ନ ନେଲେ ଆସନ୍ତା ୨୦ରେ ଜୟପୁର ଯୁଗ୍ମ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବସନ୍ତ ବେହେରା, ରାମ ଶଙ୍କର ପଟ୍ଟନାୟକ, ଏମଏନ ରାଓ, ଏସଏନ ମହାନ୍ତି, ଅଲେଖ ପାତ୍ର, କେ. ସତ୍ୟନାରାୟଣା, ୟୁଭି ରାଓ, ପି.ରାମ ବାବୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଅତିଥିମାନେ ଆଲୋଚନା କରୁଛନ୍ତି ।

# ମଦଭାଟି ସ୍ଥାନାନ୍ତର ନ ହେଲେ ଭୋଟ ବର୍ଜନ ଚେତାବନୀ

କୋରାପୁଟ, ୧୬।୩ (ଅମିତାଭ ବେହେରା)



ମହୁଲି ମଦଭାଟି ପକ୍ଷରୁ ବାହାରକୁ ଛଡାଯାଇଥିବା ବର୍ଜ୍ୟବସ୍ତୁ।

**ବିହାରୀ ମହୁଲି ମଦଭାଟି ଉଜାଡୁଛି ସଂସାର**

■ ଗୃହପାଳିତ ପ୍ରାଣୀ,ଶିଶୁ ହେଉଛନ୍ତି ପ୍ରଭାବିତ
■ ଆଖପାଖ ଜମିରେ ଫସଲ କରି ନ ପାରି କ୍ଷତି ସହୁଛନ୍ତି ଚାଷୀ
■ ପରିବେଶ ନିୟମକୁ ମଧ ଉଲ୍ଲଂଘନ କରୁଛନ୍ତି ଭାଟି ମାଲିକ

କୋରାପୁଟ ସହର ମଧ୍ୟରେ ଥିବା ବିହାରୀ ମହୁଲି ମଦଭାଟି ଯୋଗୁ ସ୍ଥାନୀୟ ଗ୍ରାମବାସୀଙ୍କ ଜୀବନ ଜୀବିକା ଦୁର୍ବିଷହ ପାଲଟିଲାଣି। ଏହାକୁ ନେଇ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ ପାଉଛି। ସୁତରାଂ ଏହି ମହୁଲି ଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏହା ନ ହେଲେ ମେ ୧୩ରେ ହେବାକୁ ଥିବା ସାଧାରଣ ନିର୍ବାଚନ ବର୍ଜନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

ଖବରରୁ ଜଣାପଡିଛି, କୋରାପୁଟ ମ୍ୟୁନିସିପାଲିଟିର ୧୬ ନଂ. ୱାର୍ଡ ଚିନ୍ଦିରି ଗ୍ରାମ ନିକଟରେ ଏକ ମହୁଲି ମଦଭାଟି ରହିଛି। ଏଥିଯୋଗୁ ମ୍ୟୁନିସିପାଲିଟିର ବଡ଼ଚିନ୍ଦିରି, ସାନଚିନ୍ଦିରି, ଚିନ୍ଦିରି ମାଲିଗୁଡା ଆଦି ୩ଟି ଗ୍ରାମର ଗ୍ରାମବାସୀଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପକାଉଛି। ଏନେଇ ଗ୍ରାମବାସୀ କହିଛନ୍ତି, ଏହି ମହୁଲି ମଦଭାଟି ଚାଲୁଥିବା ବେଳେ ଭାଟିରୁ ବାହାରୁଥିବା ବର୍ଜ୍ୟବସ୍ତୁ ଓ ଜଳ ପ୍ରଭାବରେ ଗ୍ରାମବାସୀଙ୍କ ସହ ଗୃହପାଳିତ ପ୍ରାଣୀ ଓ ଛୋଟ ଶିଶୁମାନେ ପ୍ରଭାବିତ ହେଉଛନ୍ତି। ଅନେକ ମାରାତ୍ମକ ରୋଗର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମହୁଲି ଭାଟି ଯୋଗୁ ଆଖପାଖ ଜମିରେ ଫସଲ କରି ନ ପାରି ଚାଷୀ ବର୍ଷ ବର୍ଷ ଧରି କ୍ଷତି ସହି ଆସୁଛନ୍ତି। ଭାଟିରୁ ବାହାରୁଥିବା ଆବର୍ଜନାକୁ ପୋତି ନ ଦେଇ ଭାଟି ମାଲିକ ବାହାରେ ଫିଙ୍ଗି ଦେଉଥିବାରୁ ଏହାକୁ ଖାଇ ଶତାଧିକ ଗାଈ ବାଛୁରି ମୃତ୍ୟୁ ମୁଖରେ ପଡୁଛନ୍ତି। କେତେକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଭାଟିରୁ ନିର୍ଗତ ପାଣି ଜମିରେ ପ୍ରବାହିତ ହେଉଥିବାରୁ ଫସଲ ହେଉନାହିଁ। ଜମିରେ କାମ କରୁଥିବା ବ୍ୟକ୍ତି ମଧ୍ୟ ସଂକ୍ରାମକ ରୋଗର ଶିକାର ହେଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଭାଟିରୁ ବାହାରୁଥିବା ବହୁ ପରିମାଣର ବର୍ଜ୍ୟବସ୍ତୁ ମହୁଲ ପୋଚ ଆଦି ପୋତିବା କିମ୍ବା ପୋଡ଼ିବା ପାଇଁ ମାଲିକ ଏକ ପାଚେରି ନିର୍ମାଣ କରିବା ନିୟମ ଥିଲେ ମଧ୍ୟ ସେ ଏହାକୁ ଉଲ୍ଲଂଘନ କରିଚାଲିଛନ୍ତି।

ଏଥିସହ ପରିବେଶ ନିୟମକୁ ମଧ୍ୟ ସେ ଉଲ୍ଲଂଘନ କରି ବର୍ଜ୍ୟବସ୍ତୁ ଏଣେତେଣେ ପକାଉଥିବା ଗ୍ରାମବାସୀ କହିଛନ୍ତି। ଏହି ଭାଟିରୁ ପ୍ରସ୍ତୁତ ମଦ କୋରାପୁଟ ମ୍ୟୁନିସିପାଲିଟି ସମେତ ଦଶମନ୍ତପୁର ବ୍ଲକର ନନ୍ଦିଗାଁ, ପୋଡ଼ାଗଡ଼, ମାଲକାନଗିରି, ଗାଦିଆଗୁଡା, ଫୁଲବେଡ଼ା ଓ କୋରାପୁଟ ବ୍ଲକର ମସ୍ତିପୁଟ, ମହାଦେଇପୁଟ, କେନ୍ଦାର, ବଡକେରେଙ୍ଗା, ଉମୁରି, ଲଙ୍କାପୁଟ, ସୁକୁ ଆଦି ୧୫ରୁ ଊର୍ଦ୍ଧ୍ୱ ଗ୍ରାମକୁ ଚାଲାଣ ହେଉଛି।

ଏ ସମ୍ପର୍କରେ କୋରାପୁଟ ଅବକାରୀ ଅଧୀକ୍ଷକ ଅରୁଣ ପାଢ଼ୀଙ୍କୁ ପଚାରିବାରୁ ସେ କହିଲେ, ଏଥିରୁ ସରକାର ବାର୍ଷିକ ୫ କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। ତେବେ ଏହି ଭାଟି କିପରି ବର୍ଜ୍ୟବସ୍ତୁ ବାହାରେ ନ ପକାଇବ ଏବଂ ଗ୍ରାମବାସୀଙ୍କର କିଛି ଅସୁବିଧା ନ ହେବ ସେଥିପ୍ରତି ପଦକ୍ଷେପ ନେବାକୁ ସେ ଭାଟି ମାଲିକଙ୍କୁ ନିର୍ଦ୍ଦେଶ ଦେବେ। ଅବକାରୀ ବିଭାଗର ଏକ ଟିମ୍ ସମ୍ପୃକ୍ତ ଭାଟିକୁ ଯାଇ ଅଭିଯୋଗର ଅନୁଧ୍ୟାନକରି ରିପୋର୍ଟ ଦେବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ସତ୍‌ସଙ୍ଗରେ ମହୁମାଛି ଆକ୍ରମଣ, ୫ ଆହତ

ଭଞ୍ଜନଗର,୧୭।୩(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ସହରତଳି ଲଣ୍ଡେଇସାହି ରଘୁନାଥ ମନ୍ଦିର ପରିସରରେ ଚାଲିଥିବା ଶ୍ରୀମଦ ଭାଗବତ କଥା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଅପରପକ୍ଷେ ସକାଳେ ମନ୍ଦିରରେ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଚାଲିଥିଲା। ଏହି ସମୟରେ ମହୁମାଛି ଆକ୍ରମଣରେ ୫ ଜଣ ଆହତ ହୋଇଛନ୍ତି। ସେଥିମଧ୍ୟରୁ ୨ ଜଣ ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଯାଇଛନ୍ତି। ସପ୍ତାହ ବ୍ୟାପୀ ଚାଲୁଥିବା ଏହି କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଅନୁପମ ବାନାର୍ଜୀ, ସୁରେନ୍ଦ୍ର ନାଥ ଗୌଡ ପ୍ରମୁଖ ସହଯୋଗ କରିଥିଲେ।

### ଅଟୋ ଓଲଟି ୧୧ ଆହତ

ବୁଗୁଡା,୧୭।୩(କାଳିଚରଣ ଦାଶ):

ଗଞ୍ଜାମ ଜିଲା ବୁଗୁଡା ଥାନା ଅନ୍ତର୍ଗତ ପଙ୍କଲସାହି ଗାଁ ଛକ ନିକଟ ବୁଲାଣି ରାସ୍ତାରେ ଏକ ଯାତ୍ରୀବାହୀ ଅଟୋ ଓଲଟି ୧୧ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତରମାନେ ହେଲେ ବ୍ରହ୍ମପୁର ସିଦ୍ଧାର୍ଥ ନଗର ବାସିନ୍ଦା ନୁତୁନି ନାଇକ, ଦମୟନ୍ତୀ ଦାସ, ରାଜଲକ୍ଷ୍ମୀ ଦାସ (୫), ସୁମତି ଦାସ ଓ ଦିପକ ଦାସ ଏବଂ ଆହତ ଅଟୋ ଚାଳକ ହେଲେ ବ୍ରହ୍ମପୁର ଗୋଇଲୁଣ୍ଡିର ଆପାରାଓ ଦୋରା। ମାଣିତରା ପଞ୍ଚାୟତର କଣ୍ଡରାଇ ଗାଁର ଏକ ଭୋଜି କାର୍ଯ୍ୟରେ ଯୋଗଦେଇ ଅଟୋରେ ଫେରୁଥିବା ବେଳେ ପଙ୍କଲସାହି ଗାଁ ନିକଟ ବୁଲାଣି ରାସ୍ତାରେ ଓଲଟି ପଡିଥିଲା। ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ କରୁଛି।

### ୨୫ କିଲୋ ଗଞ୍ଜେଇ ସହ ସ୍କୁଟି ଜବତ, ଜଣେ ଗିରଫ

ଖଲ୍ଲିକୋଟ,୧୭।୩ (ପ୍ରଶାନ୍ତ କୁମାର ମିଶ୍ର):

ଗଞ୍ଜେଇ ଚୋରା ଚାଲାଣ ବେଳେ ୨୫ କିଲୋ ଗଞ୍ଜେଇ ସହିତ ସ୍କୁଟି ଜବତ ହୋଇଛି। ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ନିର୍ମଳଝର ନିକଟବର୍ତ୍ତୀ ମୁକୁନ୍ଦପୁର ଛକରୁ ରବିବାର ଭୋର ୩ଟା ସମୟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଜବତ କରିବା ସହିତ ଚାଲାଣକାରୀଙ୍କୁ ଗିରଫ କରିଚି। କୋଦଳାରୁ ଖଲ୍ଲିକୋଟ ଅଭିମୁଖେ ଏକ ସ୍କୁଟି ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ଏସଆଇ ପିଙ୍କିନି ପଟ୍ଟନାୟକ, ଏଏସଆଇ ଅନିଲ ଶବର, ହାବିଲଦାର ରମେଶ କୁମାର ରାଉତ ପ୍ରମୁଖ ଚଢ଼ାଉ କରି ଦୁଇଟି ଅଖାରେ ଥିବା ୨୫ କିଲୋରୁ ଉର୍ଦ୍ଧ୍ୱ ଗଞ୍ଜେଇ ସହ ସ୍କୁଟିକୁ ଜବତ କରିଥିଲେ। ଚାଲାଣକାରୀ କୋଦଳା ପଣ୍ଡାସାହିର ସୋନୁ ମୁନିକୁ ଗିରଫ କରିଥିଲେ।

# ନବରଙ୍ଗପୁର ଜିଲା: ମତଦାନ କରିବେ ୮, ୫୦୭୫୦ ଭୋଟର

ନବରଙ୍ଗପୁର,୧୭।୩ (ସଦାଶିବ ପ୍ରହରାଜ)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି ସରିଛି। ଏ ନେଇ ଖବରଦାତା ସମ୍ମିଳନୀରେ ଜିଲାପାଳ ଡ.କମଳ ଲୋଚନ ମିଶ୍ର ସୂଚନା ଦେଇଛନ୍ତି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ, ଡିଆଇପିଆରଓ ହଳଧର ନିଆଲ ଓ ନିର୍ବାଚନ ଦାୟିତ୍ୱରେ ଥିବା ପି. ମନସ୍ୱିତା ଯୋଗଦେଇଥିଲେ । ଜିଲାପାଳ ମିଶ୍ର କହିଥିଲେ, ଚଳିତ ନିର୍ବାଚନରେ ନବରଙ୍ଗପୁର ଜିଲାରେ ୮୫୦୭୫୦ ଜଣ ଭୋଟର ମତଦାନ କରିବେ । ୧୮ ରୁ ୧୯ ବର୍ଷ ମଧ୍ୟରେ ୨୦୯୩୯ ଜଣ ଭୋଟର ନୂତନ ଭାବେ ଯୋଡି ହୋଇଛନ୍ତି। ୮୫ ବର୍ଷରୁ ଅଧିକ ଭୋଟର ୩୩୩୬ ଜଣ ରହିଛନ୍ତି। କେବଳ ଉମରକୋଟ ନିର୍ବାଚନମଣ୍ଡଳୀକୁ ଛାଡି ନବରଙ୍ଗପୁର, ଝରିଗାଁ ଓ ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ପୁରୁଷ ଭୋଟର ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ।

ଉମରକୋଟର ବୁରଜା ବୁଥ୍‌କୁ ୨ଟି ଭାଗରେ ବିଭକ୍ତ କରାଯାଇ ଜିଲାରେ ମୋଟ ୯୯୩ଟି ବୁଥ୍‌ରେ ହେବ ମତଦାନ। ମୋଟ ବୁଥ ମଧ୍ୟରୁ ୨ଟି ବୁଥ୍ ଇନ୍ଦ୍ରାବତୀ ଜଳଭଣ୍ଡାର ଆରପଟେ ନୂତନ ଭାବେ କରାଯାଇଛି। ସମସ୍ତ ବୁଥ୍‌ରେ ଶୌଚାଳୟ, ପିଇବା ପାଣି, ବିଦ୍ୟୁତ, ଦିବ୍ୟାଙ୍ଗମାନଙ୍କ ପାଇଁ ର୍‌ୟାମ୍ପ,




ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟ ଅଧିକାରୀ ନିର୍ବାଚନ ସମ୍ପର୍କରେ ସୂଚନା ଦେଉଛନ୍ତି।

ହ୍ୱିଲ ଚେୟାର, ବିଶ୍ରାମ କକ୍ଷ ଆଦି ମୌଳିକ ସୁବିଧା ରହିବ। ଆଗାମୀ ମେ ୧୩ରେ ନବରଙ୍ଗପୁର ଜିଲାରେ ନିର୍ବାଚନ ହେବାକୁ ଥିବା ବେଳେ ୧୧ ତାରିଖରେ ପୁଲିଂ କର୍ମଚାରୀମାନେ ଝରିଗାଁ ଓ ଉମରକୋଟ ନିର୍ବାଚନମଣ୍ଡଳୀର ବୁଥଗୁଡିକୁ ଯିବେ। ୧୨ରେ ନବରଙ୍ଗପୁର ଓ ଡାବୁଗାଁ ନିର୍ବାଚନ ମଣ୍ଡଳୀର ବୁଥ୍‌ଗୁଡିକୁ ଯିବେ। ଜିଲାରେ ଅବାଧ ଓ ମୁକ୍ତ ନିର୍ବାଚନ କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଏଥିପାଇଁ ୧୯୫୦ ଟୋଲ ଫ୍ରି ନଂ ଜାରି କରାଯାଇଛି। ପ୍ରଚାର ଓ ପ୍ରସାର ପାଇଁ ଏମ୍‌ସିଏମ୍‌ସି କମିଟି ଗଠନ କରାଯାଇଛି । ସୋସିଆଲ ମିଡିଆର ଗୁରୁତ୍ୱ ଦିଆଯାଇଥିବା ବେଳେ କୌଣିସ ଗଣମାଧ୍ୟମରେ ଯେପରି ମିଥ୍ୟା ଓ ଗୁଜବ ଖବର ପ୍ରସାରଣ ନ ହେବ ସେଥିପ୍ରତି ସଜାଗ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ପ୍ରାର୍ଥୀ କୌଣସି ବିଜ୍ଞାପନ ଓ ପ୍ରଚାର ପାଇଁ ଏହି ଏମ୍‌ସିଏମସି କମିଟିଠାରୁ ସ୍ୱୀକୃତି ନେବ। ନିର୍ବାଚନ ଆଚାରଣ ବିଧି ଖିଲାପକୁ ରୋକିବା ପାଇଁ ସିଭିଜିଲ ଆପ ହୋଇଛି। ଏହି ଆପ୍ ମାଧ୍ୟମରେ ଯେ କୌଣସି ବ୍ୟକ୍ତି ନିର୍ବାଚନ ଆଚରଣ ବିଧିର ଖିଲାପ ସଂକ୍ରାନ୍ତରେ ଅଭିଯୋଗ ଦାଖଲ କରିପାରିବେ। ସେହିପରି ଭାବେ ସୁବିଧା ପୋର୍ଟାଲ ମାଧ୍ୟମରେ ପ୍ରାର୍ଥୀମାନେ ସମସ୍ତ ତଥ୍ୟ, ଆଫିଡେଭିଟ ଓ ଯେ କୌଣସି ଅନୁମତି ପାଇଁ ଫର୍ମ ଦାଖଲ କରିବେ। ସାଧାରଣ ବ୍ୟକ୍ତି ଏହି ଆପ ମାଧ୍ୟମରେ ପ୍ରାର୍ଥୀଙ୍କ ସମସ୍ତ ତଥ୍ୟ ଦେଖିପାରିବେ। ୧୦ଟି ବ୍ଲକ ସଦର ମହକୁମାରେ ଗୋଟିଏ ଲେଖାଏଁ ଏବଂ ୨ ଟି ପୌର ପରିଷଦରେ ଗୋଟିଏ ଲେଖାଏଁ ୧୨ଟି ବୁଥ ସଖି ବୁଥ କରାଯାଇଛି । ସଖୀ ବୁଥ୍‌ରେ ନିୟୋଜିତ ସମସ୍ତ କର୍ମଚାରୀ ମହିଳା ରହିବେ। ସେହିପରି ଭାବେ ୪ଟି ବୁଥ୍ ଦିବ୍ୟାଙ୍ଗ ବୁଥ୍ କରାଯାଇଛି। ୧୪୦ଟି ବୁଥ ଇକୋ-ଫ୍ରେଣ୍ଡଲି ରହିଛି। ଏହି ବୁଥ ଗୁଡିକରେ ପ୍ଲାଷ୍ଟିକମୁକ୍ତ ରହିବ। ୧୨ଟି ବୁଥ୍‌ରେ ଜିଲାର କଳା, ସଂସ୍କୃତି, ସଭ୍ୟତା ଓ ପରମ୍ପରାର ନିଦର୍ଶନ ସ୍ଥାନିତ ହେବ। ନବରଙ୍ଗପୁର ଜିଲାରେ ମାଓବାଦୀଙ୍କ କୌଣସି ଗତିବିଧିର ପ୍ରମାଣ ନାହିଁ। ତଥାପି ସୀମାନ୍ତରେ ଅବାଧ ଓ ମୁକ୍ତ କରିବା ପାଇଁ ଛତିଶଗଡର କୋଣ୍ଡାଗାଁ, ଧନତରି, ବସ୍ତର ଓ ଗୋରିଆବନ୍ଧ ସୀମାନ୍ତ ୪ ଜିଲାର ଜଲାପାଳ ଓ ଏସ୍‌ପିଙ୍କ ସହ ବାରମ୍ବାର ମତ ବିନିମୟ ହୋଇସାରିଛି। ଗତ ୨ ମାସ ମଧ୍ୟରେ ଅବକାରୀ ବିଭାଗ ପକ୍ଷରୁ ୧ଲକ୍ଷ ୯୫୩୯ ଲିଟର ବେଆଇନ ମଦ ଜବତ ହୋଇଛି। ଏମ୍‌ପି ପ୍ରାର୍ଥୀ ୯୫ ଲକ୍ଷ ଟଙ୍କା ଏବଂ ବିଧାୟକ ପ୍ରାର୍ଥୀ ମାନେ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ଖର୍ଚ୍ଚର ତଦାରଖ କରିବେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ମାନେ। ପ୍ରାର୍ଥୀମାନଙ୍କ ପ୍ରଚାର ଓ ମନ୍ତବ୍ୟ ପ୍ରତି ପ୍ରଶାସନ ତୀକ୍ଷ୍ଣ ନଜର ରଖିବ ବୋଲି ସୂଚନା ଦିଆଯାଇଛି ।

### ନବରଙ୍ଗପୁର, ଡାବୁଗାଁ, ଝରିଗାଁ ନିର୍ବାଚନ ମଣ୍ଡଳୀରେ ମହିଳା ଭୋଟର ଅଧିକ

# ବାଲେଙ୍ଗାରେ ଅଜଣା ଜନ୍ତୁ ଆତଙ୍କ

କୋଡିଙ୍ଗା,୧୭।୩ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ବନାଞ୍ଚଳର କୁସୁମୀ ଫରେଷ୍ଟ ବିଟ୍‌ର ସଦର ବାଲେଙ୍ଗା ଗ୍ରାମ ପଞ୍ଚାୟତରେ କିଛି ମାସର ବ୍ୟବଧାନ ପରେ ପୁଣି ଅଜଣା ଜନ୍ତୁର ଭୟ ଘାରିଛି । ବାଲେଙ୍ଗା ଓ ଲାଣ୍ଡୁଗୁଡା ଗ୍ରାମକୁ ଲାଗି ରହିଥିବା ମିରମିଣ୍ଡା ସଂରକ୍ଷିତ ଜଙ୍ଗଲରେ ଗତ କିଛି ଦିନ ହେବ ଅଜଣା ଜନ୍ତୁ ଆକ୍ରମଣରେ ପ୍ରାୟ ୩ ଗୋରୁଙ୍କ ମୃତ୍ୟୁ ଘଟିଛି । ଯାହାକୁ ନେଇ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ଲୋକେ ଭୟଭୀତ ହୋଇ ଜଙ୍ଗଲକୁ ଯିବା ଆସିବା ବନ୍ଦ କରିଦେଇଛନ୍ତି। ଜଙ୍ଗଲକୁ ଲାଗି ଅନେକ ଲୋକଙ୍କ ଚାଷ ଜମି ଥିବା ବେଳେ ଲୋକେ ଜମିକୁ ଯାଉ ନ ଥିବା ସୂଚନା ମିଳିଛି । ଏପରିକି ସନ୍ଧ୍ୟା ସମୟରେ ଲୋକେ ନିକଟ ଗାଁକୁ ଯିବାକୁ ବି ଭୟ କରୁଥିବା ଗ୍ରାମବାସୀ କହିଛନ୍ତି । ମୃତ ଗୋରୁଙ୍କ ନିକଟରୁ ବାଘ କିମ୍ବା ଅନ୍ୟ କୌଣସି ହିଂସ୍ରଜନ୍ତୁଙ୍କ ପାଦ ଚିହ୍ନ ଦେଖି ଲୋକେ ଆତଙ୍କିତ ହୋଇପଡିଛନ୍ତି । ଏ ନେଇ ଏକ ଭିଡିଓ, ଫଟୋ ମୋବାଇଲରେ ଭାଇରାଇ ହେବାରେ ଲାଗିଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ କୋଡ଼ିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ସଂରକ୍ଷିତ ଜଙ୍ଗଲଟି ଛତିଶଗଡ଼ ରାଜ୍ୟ ସୀମାକୁ ଲାଗି ରହୁଥିବା ଯୋଗୁଁ ପ୍ରାୟ ହେଟାବାଘ ଆସୁଥିବା ଅନୁମାନ କରାଯାଉଛି। ବନ ବିଭାଗ କର୍ମଚାରୀ ନଜର ରଖିଛନ୍ତି, କିଛି ସୂଚନା ମିଳିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

# ପାଣିରେ ବୁଡ଼ି ଯୁବକ ମୃତ

ଉମରକୋଟ,୧୭।୩ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ସାନ ଭରଣ୍ଡି ଗ୍ରାମରେ ପାଣିରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଯୁଭି ୮ ନମ୍ବର ଖୁଟୁଗୁଡା ଗ୍ରାମର ସଞ୍ଜୟ ବିଶ୍ୱାସ (୩୫)। ମିଳିଥିବା ସୂଚନା ଅନୁସାରେ, ରବିବାର ସକାଳେ ସାନଭରଣ୍ଡି ଗ୍ରାମର କିଛି ଲୋକ ଗାଁ ନିକଟରେ ଥିବା ପୋଖରୀକୁ ଯାଇଥିଲେ। ଏହି ସମୟରେ ସଞ୍ଜୟଙ୍କ ମୃତଦେହ ଭାସୁଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଉମ୍ବରୁଧର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏସଆଇ ସୌମେନ୍ଦ୍ର ସେଠ ଓ ଅକ୍ଷୟ ମିଶ୍ର ଏହାର ତଦନ୍ତ କରୁଛନ୍ତି। ସୂଚନା ଅନୁଯାୟୀ, ସଞ୍ଜୟ ଜେସିବି ଅପରେଟର ଭାବେ କାମ କରୁଥିଲେ। ସଞ୍ଜୟଙ୍କ ଗୋଟିଏ ୫ ବର୍ଷର ପୁଅ ଅଛି। ପରିବାର ଜଣେ ରୋଜଗାରିଆଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡିଛନ୍ତି।

# ଥାନାର ଦ୍ୱାରସ୍ଥ ହେଲେ ଜନପ୍ରତିନିଧି

ଝରିଗାଁ,୧୭।୩ (କିଶୋର ଚନ୍ଦ୍ର ମଣ୍ଡଳ):

ନବରଙ୍ଗପୁର ଏମ୍‌ପି ପ୍ରତିନିଧି ପ୍ରିୟରଞ୍ଜନ ଦାସ ଏବଂ ବିଧାୟକଙ୍କ ବ୍ଲକ୍ ପ୍ରତିନିଧି ରାମଧର ମାଝିଙ୍କ ନାମରେ ରାଜନୈତିକ ଉଦ୍ଦେଶ୍ୟରେ ମିଥ୍ୟା ଅଭିଯୋଗ ହୋଇଥିବା ନେଇ ରବିବାର ଝରିଗାଁ ଥାନାରେ ସ୍ଥାନୀୟ ଜନପ୍ରତିନିଧିମାନେ ଲିଖିତ ଅଭିଯୋଗ କରିଛନ୍ତି। ଜନପ୍ରତିନିଧିମାନେ ଏକତ୍ରିତ ହୋଇ ଥାନା ଅଧିକାରୀ ତପନ କୁମାର ପତିଙ୍କୁ ଲିଖିତ ଅଭିଯୋଗ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଗତ ଫେବୃଆରୀ ୨୯ରେ ଝରିଗାଁ ବ୍ଲକର ଫୁପୁଗାଁ, ବଡଟେମରା, ଚକଲାପଦର, ଚଟା, ଭାଲୁକନାଡି, ବକଡାବେଡା, ଚାଟିଗୁଡା ଓ ବେଲଗାଁ ଆଦି ପଞ୍ଚାୟତକୁ ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଏବଂ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଗସ୍ତ କରି ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟ ସକାଶେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଉକ୍ତ ଦିନ ବାଘଡିଆଁ ଛକଠାରେ କୁଇ ସମାଜ ଗୃହର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ରହିଥିଲା । ଉକ୍ତ କାର୍ଯ୍ୟକ୍ରମରେ ପଦ୍ମନ ସାନ୍ତା, ମୁରଲୀ ସାନ୍ତା, ଉଦୟ ସାନ୍ତା, ଲବ ସାନ୍ତା,ରାମ ସାନ୍ତା ଓ ଯୁଧିଷ୍ଠିର ସାନ୍ତା ପ୍ରମୁଖ ବାଘଡିଆଁ ଛକଠାରେ କୁଇ ସମାଜ ଗୃହର ଭିତ୍ତିପ୍ରସ୍ତର ଦେବା ନେଇ ବିରୋଧ କରିଥିଲେ । ଏହାପରେ ସେହି ସ୍ଥାନରୁ ଏମ୍‌ପି, ବିଧାୟକ ଏବଂ ସମସ୍ତ ଦଳୀୟ କର୍ମୀ ଫେରି ଆସିଥିଲେ। ଏହାପରେ ଉକ୍ତ ଦିନ ସନ୍ଧ୍ୟାରେ ଏମ୍‌ପି ଏବଂ ବିଧାୟକଙ୍କ ପ୍ରତିନିଧିଙ୍କ ନାମରେ ଜାତିଆଣ ଆକ୍ଷେପ ନେଇ ଝରିଗାଁ ଥାନାରେ ପଦ୍ମନ ସାନ୍ତା ଲିଖିତ ଅଭିଯୋଗ କରିଥିଲେ । ଏ ନେଇ ଝରିଗାଁ ଥାନା କେସ ନମ୍ବର - ୪୭/୨୦୨୪ରେ ଏକ ମମଲା ରୁଜୁ ହୋଇଥିବା ନେଇ ଥାନା ଅଧିକାରୀ କହିଛନ୍ତି। ଏମ୍‌ପି ଏବଂ ବିଧାୟକଙ୍କ ପ୍ରତିନିଧିଙ୍କ ନାମରେ ଏହା ଏକ ରାଜନୈତିକ ଉଦ୍ଦେଶ୍ୟରେ ମିଥ୍ୟା ଅଭିଯୋଗ ହୋଇଥିବା ଜନପ୍ରତିନିଧିମାନେ ଥାନାରେ ଜଣାଇଛନ୍ତି। ଏଥିସହ ଉକ୍ତ ଦିନ କୌଣସି ଗଣ୍ଡଗୋଳ ହୋଇ ନ ଥିବା ନେଇ ରବିବାର ଝରିଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀ, ଉପାଧ୍ୟକ୍ଷ ମନଦୀ ମାଝୀ, ୩ ଜିଲା ପରିଷଦ ସଭ୍ୟ ଯମୁନା ଗଣ୍ଡ, ଶ୍ୟାମସୁନ୍ଦର ନାୟକ, ତ୍ରମିଳା ପୂଜାରୀ, ବିଜେଡି ବ୍ଲକ ସଭାପତି ଟିକଚାନ୍ଦ ମାଝୀ, ଲ୍ୟାମ୍ପ ସଭାପତି ଲଛମା ଗଣ୍ଡଙ୍କ ସହ ୯ଟି ପଞ୍ଚାୟତର ସରପଞ୍ଚ ବାସନ୍ତୀ ନାୟକ, ଅନିତା ପୂଜାରୀ, ଗୀତାଞ୍ଜଳି ଭତ୍ରା, ରାଜୁ ସାନ୍ତା, ମୋହନ ନାୟକ, ଥବିର ପୂଜାରୀ, ଚୈତନ୍ୟ ଗଣ୍ଡ, ଗୋପମାଳି ଭତ୍ରା ଏବଂ ୪ ସମିତି ସଭ୍ୟ ମନବୋଧ ସାନ୍ତା, ମହେନ୍ଦ୍ର ପୂଜାରୀ, କାନ୍ତି ହରିଜନ ଓ ଜଗ କଲାରଙ୍କ ସହ ବହୁ ବିଜେଡି କର୍ମୀ ଲିଖିତ ଅଭିଯୋଗ କରିଛନ୍ତି।



ଝରିଗାଁ ଥାନାରେ ଜନପ୍ରତିନିଧି ଲିଖିତ ଅଭିଯୋଗ କରୁଛନ୍ତି।

### ଏମ୍‌ପି, ବିଧାୟକଙ୍କ ପ୍ରତିନିଧିଙ୍କ ନାଁରେ ମିଥ୍ୟା ଅଭିଯୋଗ

# ଭଡା ଆଣିବାକୁ ଯାଇ ବୃଦ୍ଧଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୧୭।୩ (ଗିରିଧାରୀ ପରିଛା):

ଭଡା ଟଙ୍କା ଆଣିବାକୁ ଯାଇଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା ରାୟଗଡ଼ ବ୍ଲକ ଅଧୀନ ନାରାୟଣପୁର ଛକଠାରେ। ମୃତ ବ୍ୟକ୍ତି ହେଲେ ଖିଲିଗଣ୍ଡା ଗ୍ରାମର ପ୍ରୀତମ ରଇତ (୭୦) ବର୍ଷ। ସୂଚନା ଯୋଗ୍ୟ ଯେ, ମାସିକିଆ ଭଡା ଆଣିବା ପାଇଁ ଏସ. କରଡ଼ାସିଂ ପଞ୍ଚାୟତକୁ ପ୍ରୀତମ ଗଣ୍ଡାହାତୀଠାରୁ ଲକ୍ଷ୍ମୀ ବସ୍‌ରେ ଉଠିଥିଲେ। ବସ୍‌ର ଗେଟ ପାଖରେ ଠିଆ ହୋଇଥିଲେ। ଗେଟ ପାଖରେ ଠିଆ ହୋଇଥିଲେ। ନାରାୟଣପୁର ଛକଠାରେ ଗାଡ଼ି ରଖିବା ପୂର୍ବରୁ ପ୍ରୀତମଙ୍କ ଗୋଡ଼ ଖସିଗଲା। ଫଳରେ ଚଳନ୍ତା ଗାଡିରୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମେଡିକାଲରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ଉକ୍ତ ବସ୍‌କୁ ଗାଁ ଲୋକେ ଅଟକ ରଖିଥିଲେ। ପରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ଏସଆଇ ନିରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ନବରଙ୍ଗପୁର ଜିଲା କ୍ରିକେଟ ଟିମ୍ ଚୟନ ପ୍ରକ୍ରିୟା ଆରମ୍ଭ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ନବରଙ୍ଗପୁର,୧୭।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ କଟକଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କଳାହାଣ୍ଡି କପ ଟୁର୍ନାମେଣ୍ଟ ପାଇଁ ଜିଲା ବରିଷ୍ଠ କ୍ରିକେଟ୍ ଟିମ୍ ଚୟନ ପ୍ରକ୍ରିୟା ନବରଙ୍ଗପୁର ଷ୍ଟାଡିୟମଠାରେ ଆରମ୍ଭ ହୋଇଛି। ନବରଙ୍ଗପୁର ଜିଲାରେ ପ୍ରଥମ ଥର ପାଇଁ କ୍ରିକେଟ ଦଳ ଚୟନ ପାଇଁ ଟର୍ଫ ପିଚର ବ୍ୟବହାର କରାଯାଉଛି। ଏହି ଚୟନ ପ୍ରକ୍ରିୟାର ପ୍ରାରମ୍ଭିକ ମ୍ୟାଚର ଅତିଥି ଭାବେ ଜିଲା କ୍ରିକେଟ ସଂଘ ସଭାପତି ଦେବାଶିଷ ପଟ୍ଟନାୟକ, ଉପ ସଭାପତି ଶୁଭେନ୍ଦୁ ନାଥ ବେହେରା, ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ସହ ସମ୍ପାଦକ ଏମ୍. ବାଲକ୍ରିଷ୍ଣା, ଜିଲା କ୍ରିକେଟ ସଂଘର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଚୟନକର୍ତ୍ତା ଭାବରେ ଜିଲା କ୍ରିକେଟ ସଂଘର କାର୍ଯ୍ୟ ନିର୍ବାହୀ ସଦସ୍ୟ ତଥା ଟର୍ଫ ୱିକେଟ କ୍ୟୁରେଟର ଅଶୋକ ନାୟକ ଏବଂ ନବରଙ୍ଗପୁର ଜିଲା କ୍ରିକେଟ ଏକାଡେମିର କୋଚ ଲାଲ ମହମ୍ମଦ ଖାନ ଦାୟିତ୍ୱ ତୁଲାଉଛନ୍ତି। ଏହି ଚୟନ ଶିବିରରେ ଜିଲାର ବିଭିନ୍ନ ବ୍ଲକରୁ ଚୟନ ହୋଇଥିବ ୩୬ ଜଣ ଖେଳାଳିଙ୍କ ମଧ୍ୟରୁ ୧୫ ଜଣିୟା ଚୂଡାନ୍ତ ଦଳ ଚୟନ କରାଯିବ ସହ ୨ ଜଣ ଖେଳାଳିଙ୍କୁ ଷ୍ଟାଣ୍ଡବାଇରେ ରଖାଯିବ। କଟକରେ ଓଡ଼ିଶା କ୍ରିକେଟ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା କଳାହାଣ୍ଡି କପ୍ ନିମନ୍ତେ ବିଭିନ୍ନ ଗ୍ରୁପ କରାଯାଇଛି। ଏଥିରେ ନବରଙ୍ଗପୁର ଦଳ ସିଲ୍ଭର୍ ଏ ଦଳରେ ସ୍ଥାନିତ ହୋଇଛି । ନିଜର ପ୍ରଥମ ମ୍ୟାଚ ନୂଆପଡ଼ା ସହ ଏପ୍ରିଲ ୧ତାରିଖରେ ଅନୁଷ୍ଠିତ ହେବ ଏବଂ ଅନ୍ୟ ଦଳ ଭାବରେ ଗଞ୍ଜାମ, କେନ୍ଦ୍ରାପଡ଼ା, କନ୍ଧମାଳ, ଗଜପତି ଏବଂ ମାଲକାନଗିରି ସହ ନବରଙ୍ଗପୁର ଦଳର ମୁକାବିଲା ହେବ ବୋଲି ସଂଘର ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଚୟନ ପ୍ରକ୍ରିୟାରେ କ୍ରିକେଟ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଶଶାଙ୍କ ଶେଖର ବେହେରା, ଲମ୍ବୁ ସୌରା, ଦୁର୍ଯ୍ୟ ହରିଜନ, ଅଜିତା ଦାସ ସମେତ ଅନ୍ୟ ସମସ୍ତ ସଭ୍ୟ ସହଯୋଗ କରୁଛନ୍ତି।

### କଳାହାଣ୍ଡି କପ୍ ଟୁର୍ନାମେଣ୍ଟ

# ନବରଙ୍ଗପୁର ଓଡ଼ିଶା ସାମ୍ବାଦିକ ସଂଘର ବନ୍ଧୁମିଳନ




ବୈଠକରେ ଉପସ୍ଥିତ ଖବରଦାତା ସୂଚନା ଦେଉଛନ୍ତି ।

କୋଡିଙ୍ଗା,୧୭।୩ (ସମରେନ୍ଦ୍ର ପଟ୍ଟନାୟକ)

ଓଡିଶା ସାମ୍ବାଦିକ ସଂଘ ନବରଙ୍ଗପୁର ଜିଲା ଶାଖା ତରଫରୁ କଷାଗୁମୁଡା ଠାକୁରାଣୀ ମନ୍ଦିରରେ ବନ୍ଧୁ ମିଳନ ଓ ବଣଭୋଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ ସମସ୍ତ ବ୍ଲକରୁ ପ୍ରାୟ ୬୦ ଜଣ ଖବରଦାତା ଯୋଗ ଦେଇଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପଦେଷ୍ଟା ରାକେଶ ଗୁପ୍ତା, ରାଜ୍ୟ ସମ୍ପାଦକ ବାଙ୍କ ବିହାରୀ ବିଷୋୟୀ, ଜିଲା ସଭାପତି ଶିବ ଶଙ୍କର ତ୍ରିପାଠୀ, ସମ୍ପାଦକ ଜାନକୀକାନ୍ତ ବିଷୋୟୀ ଯୋଗ ଦେଇଥିଲେ। ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ କରିବା, ପେନସନ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ କ୍ଷୁବ୍ଧ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏହାକୁ ଦୃଢ଼ ବିରୋଧ କରାଯିବ ବୋଲି ରାଜ୍ୟ ସମ୍ପାଦକ ମତ ଦେଇଥିଲେ। ରାଜ୍ୟ ଉପଦେଷ୍ଟା କଷାଗୁମୁଡା ବ୍ଲକର ଖବରଦାତା ପଦ୍ମ ଚରଣ ପଟ୍ଟନାୟକଙ୍କ ମୃତ୍ୟୁରେ ସ୍ମୃତି ଚାରଣ କରି ୨ମିନିଟ ନିରବ ପ୍ରାର୍ଥନା କରିଥିଲେ। ଜିଲା ସଭାପତି ତ୍ରିପାଠୀ ସମସ୍ତ ବ୍ଲକସ୍ତରରେ ଓଡିଶା ସାମ୍ବାଦିକ ସଂଘକୁ ମଜଭୁତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଆଗାମୀ ଦିନରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପାଇଁ ପ୍ରସ୍ତୁତ ରହିବାକୁ ସୂଚନା ଦେଇଥିଲେ । ଏଥିରେ ପ୍ରାୟ ୫୦ ରୁ ୬୦ ଜଣ ଖବରଦାତା ଉପସ୍ଥିତ ଥିଲେ ।

# ପ୍ରଶାସନ ପକ୍ଷରୁ ହଟିଲା ହୋର୍ଡିଂ, ପୋଷ୍ଟର

ଡାବୁଗାଁ/ ଉମରକୋଟ/ ତେନ୍ତୁଳିଖୁଣ୍ଟି, ୧୭।୩ (ପ୍ରଜ୍ଞାରଞ୍ଜନ ପରିଡା/ ସନ୍ତୋଷ ଶତପଥୀ/ଚିଦାନନ୍ଦ ସାହୁ)

ସାଧାରଣ ନିର୍ବାଚନ ପାଇଁ ଶନିବାର ଅପରାହ୍ନରେ ତାରିଖ ଘୋଷଣା ପରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏହାପରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଡାବୁଗାଁ ବଜାରର ବିଭିନ୍ନ ସ୍ଥାନ ଓ ବିଭିନ୍ନ ଗ୍ରାମରେ ଲାଗିଥିବା ସବୁ ହୋର୍ଡିଂ, ବ୍ୟାନର ଓ ପୋଷ୍ଟରଗୁଡିକୁ ବ୍ଲକ ପ୍ରଶାସନ ରବିବାର ହଟାଇଛି। ଏଥିରେ ଡାବୁଗାଁ ବିଡିଓ ଶରତ ମାଝି, ତହସିଲଦାର ହରିଓମ ଭୋଇ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ପୋଲିସ ଏଏସ୍‌ଆଇ ଚନ୍ଦ୍ରଶେଖର ହଜାରୀ, ବ୍ଲକ ଓ ପୋଲିସ କର୍ମଚାରୀମାନେ ବୁଲି ବିଭିନ୍ନ ସ୍ଥାନରୁ ହୋର୍ଡିଂ, ବ୍ୟାନର ଓ ପୋଷ୍ଟରଗୁଡିକୁ ବାହାର କରିଛନ୍ତ।

ସେହିପରି ଉମରକୋଟ ସହରରେ ଲାଗିଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ପୋଷ୍ଟର ଓ ବିଭିନ୍ନ ଦଳର ନେତାଙ୍କ ହୋର୍ଡିଂ ଓ ବ୍ୟାନରକୁ ପୌର ପ୍ରଶାସନ ପକ୍ଷରୁ ହଟାଯାଇଛି। ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଉମରକୋଟ ବିଡିଓ ପ୍ରୀତି ରଞ୍ଜନ ରଥ ପରିଷଦର କର୍ମଚାରୀଙ୍କୁ ଧରି ସମସ୍ତ ହୋର୍ଡିଂ ହଟାଇ ଦେଇଥିଲେ। ଅନ୍ୟପଟେ ଆଗାମୀ ୪୮ଘଣ୍ଟା ମଧ୍ୟରେ ଉମରକୋଟ ସହର ଓ ପଞ୍ଚାୟତରେ ଥିବା ସମସ୍ତ ହୋର୍ଡ଼ିଂ ହଟେଇ ଦିଆଯିବ ବୋଲି ଉମରକୋଟ ବିଡିଓ କହିଛନ୍ତି । ନବରଙ୍ଗପୁର ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ର ଉମରକୋଟରେ ପହଞ୍ଚି ଉମରକୋଟ, ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ବ୍ଲକ ଓ ଉମରକୋଟ ପୌର ପରିଷଦର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ୱାର୍କ ରେଜିଷ୍ଟର ଓ ୱାର୍କ ଇସ୍ୟୁ ରେଜିଷ୍ଟର ଉପରେ ନାଲି କଲମରେ ଦସ୍ତଖତ କରି ଦେଇଛନ୍ତି । ଏହି ଅଫିସ ପକ୍ଷରୁ ଆଗାମୀ ଦିନ ପାଇଁ ନୂତନ ୱାର୍କ ଅର୍ଡର ଯେମିତି ନ ଦିଆ ଯାଇପାରିବ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟ କରାଯାଇଛି ବୋଲି ଉମରକୋଟ ବିଡ଼ିଓ ସୂଚନା ଦେଇଛନ୍ତି।

ସେହିପରି ତେନ୍ତୁଳିଖୁଣ୍ଟି ବ୍ଲକ ପ୍ରଶାସନ ପକ୍ଷରୁ ତେନ୍ତୁଳିଖୁଣ୍ଟି, ଇନ୍ଦ୍ରାବତୀ, ଅଞ୍ଚଳଗୁମ୍ମା, ପାତ୍ରପୁଟ, ପୂଜାରୀଗୁଡା ପ୍ରମୁଖ ଅଞ୍ଚଳରେ ସରକାରୀ ସ୍ଥାନରେ ଲଗାଯାଇଥିବା ସରକାରୀ ପ୍ରଚାର ବିଜ୍ଞାପନ ଓ ବିଭିନ୍ନ ଦଳର ଶୁଭେଚ୍ଛା ବିଜ୍ଞାପନକୁ ହଟାଯାଇଛି। ତେନ୍ତୁଳିଖୁଣ୍ଟି ବିଡ଼ିଓ ମନୋଜ କୁମାର ପାଣିଗ୍ରାହୀ ଓ ତେନ୍ତୁଳିଖୁଣ୍ଟି ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କ ଉପସ୍ଥିତିରେ ହୋର୍ଡିଂଗୁଡିକେ ହଟାଯାଇଛି। ଏହି ସମୟରେ ତେନ୍ତୁଳିଖୁଣ୍ଟି ଓ ଇନ୍ଦ୍ରାବତୀ ପୋଲିସ,ଏବିଡ଼ିଓ କୃପାସିନ୍ଧୁ ନାୟକ, ଏବିଇଓ ମୋହନ ମଧୁସୁଦନ ବାଘ, କନିଷ୍ଠ ଯନ୍ତ୍ରୀ ବିକାଶ ବାରା ପ୍ରମୁଖ ଉପସ୍ଥିତ ଥିଲେ।

### ଲାଗିଲା ଆଦର୍ଶ ଆଚରଣ ବିଧି





ଡାବୁଗାଁ ଏବଂ ଉମରକୋଟରେ ପ୍ରଶାସନ ପକ୍ଷରୁ ହୋର୍ଡିଂ ଓ ବ୍ୟାନର କଢ଼ାଯାଉଛି।

